# ଗୋଚ୍ଛାପଡ଼ା ଓ ଫିରିଙ୍ଗିଆ ଅଞ୍ଚଳରେ ମାଓ ପୋଷ୍ଟର!

**ଫୁଲବାଣୀ/ଫିରିଙ୍ଗିଆ,୧୦ା୨(ସମିସ)**

କନ୍ଧମାଳ ଜିଲ୍ଲା ଗୋଚ୍ଛାପଡା ଓ ଫିରିଙ୍ଗିଆ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଶନିବାର ସକାଳେ ମାଓ ପୋଷ୍ଟର ଦେଖିବାକୁ ମିଳିଛି। ଗତ ତିନି ତାରିଖରେ ପୁଲିସ ଗୁଳିରେ ନିହତ ହୋଇଥିବା ମାଓନେତା ଦାସୁରୁଙ୍କୁ ପୋଷ୍ଟର ମାଧମରେ ଶ୍ରଦ୍ଧାଞ୍ଜଳି ଜଣାଇଛି ମାଓ ସଙ୍ଗଠନ। କେକେବିଏନ ଡିଭିଜନାଲ କମିଟି ପକ୍ଷରୁ ଜାରୀ ଏହି ପ୍ରେସ ବିଜ୍ଞପ୍ତିରେ ଦାସରୁଙ୍କୁ ସହିଦ ଆଖ୍ୟା ଦିଆଯାଇ ତାଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ ବୋଲି କୁହାଯାଇଛି। ୨୦୧୪ରୁ ପାର୍ଟିରେ ସାମିଲ ହୋଇ ସେ ଦଳିତ ଆଦିବାସୀଙ୍କ ପାଇଁ କାମ କରୁଥିଲେ ବୋଲି ପୋଷ୍ଟରରେ ଉଲ୍ଲେଖ ଅଛି। ଲଢେଇରେ ସହଯୋଗ ପାଇଁ ଲୋକଙ୍କୁ ଆହ୍ୱାନ ଦେଇଛି ଲାଲବାହିନୀ। ଗୋଚ୍ଛାପଡା ଥାନା ଅନ୍ତର୍ଗତ ସୁପଲା, ଡାଙ୍ଗେଣାମା, ପକାରୀ, ବାଲନ୍ଦାପଡା ,କୁମେଲସିଂ , ସୁଟେଣୀଘାଟି, କ୍ରାଣ୍ଡିବାଲି ସମେତ ଫିରିଙ୍ଗିଆ ଥାନା ସାଡିଙ୍ଗିଆରେ ମଧ ଏଭଳି ବହୁ ସଂଖ୍ୟକ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ଗଛ, କାନ୍ଥ, ସୂଚନା ଫଳକ ଓ ରାସ୍ତା କଡରେ ମରାଯାଇଛି ପୋଷ୍ଟର।

ସୂଚନାଯୋଗ୍ୟ, ଗତ ତିନି ତାରିଖରେ ବାଲିଗୁଡା ଥାନା ସୁଦ୍ରା ଅଞ୍ଚଳରେ ପୁଲିସ ସହ ଗୁଳି ବିନିମୟ ବେଳେ ମାଓ ବାହିନୀର ଡିଭିଜନାଲ କମିଟି ମେମ୍ବର ତଥା କେକେବିଏନ ସଙ୍ଗଠନର ଟପ୍ ନେତା ଗୁଡୁ ମଣ୍ଡାରୀ ଓରଫ ଦାସୁରୁ ନିହତ ହୋଇଥିଲା। ପରେ ମାଓ ସଙ୍ଗଠନ ପକ୍ଷରୁ ଦାସୁରୁର ମୃତ୍ୟୁକୁ ଅସ୍ୱୀକାର କରାଯାଇ, ତାକୁ ପୁଲିସ କଣ୍ଟ୍ରୋଲ ରୁମରେ ରଖି ନିର୍ଯାତନା ଦେଉଥିବା ଅଭିଯୋଗ କରି ବାଲିଗୁଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଥିଲା। ତେବେ ଏହି ମାଓନେତାର ମୃତ୍ୟୁରେ କୌଣସି ସନ୍ଦେହ ନାହିଁ ବୋଲି ସ୍ପଷ୍ଟ କରିଥିଲେ କନ୍ଧମାଳ ଏସପି ଓ ଦକ୍ଷିଣାଞ୍ଚଳ ଆଇଜି। ଇତି ମଧ୍ୟରେ ଦାସୁରୁର ପରିବାର ଲୋକେ ଫୁଲବାଣୀରେ ପହଞ୍ଚି ଶବ ଚିହ୍ନଟ କରିବା ପରେ ତାର ଅନ୍ତିମ ସତ୍କାର କରାଯାଇଛି।



# ୧୨ରୁ ଜିଲ୍ଲାସ୍ତରୀୟ ଆଦିବାସୀ ସଂସ୍କୃତି ଓ କ୍ରୀଡ଼ା ଉତ୍ସବ

ଫୁଲବାଣୀ,୧୦ା୨(ସମିସ): ଆଦିବାସୀ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ତଥା ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଲଗାତାର ପ୍ରୟାସ ଜାରି ରହିଛି। ଏ ପରିପ୍ରେକ୍ଷୀରେ ଆସନ୍ତା ୧୨ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଫୁଲବାଣୀରେ ଜିଲ୍ଲା ସ୍ତରୀୟ ଆଦିବାସୀ ସାଂସ୍କୃତି ଓ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହେବ। ସ୍ଥାନୀୟ କରୋନେସନ ପଡିଆରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆଦିବାସୀ ନୃତ୍ୟ ଗୀତ, କ୍ରୀଡ଼ା ସହ ଜନଜାତି ଜୀବନଶୈଳୀ ସହ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଜିଲ୍ଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରି ପାଇଁ ମଧ ବ୍ୟବସ୍ଥା କରାଯାଇଛି। ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସଂଖ୍ୟକ ଦର୍ଶକ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାର ସମ୍ଭାବନା ରହିଥିବାରୁ ଏହା ଜନଜାତି ସଂସ୍କୃତିର ପ୍ରଚାର ସହ ଏସଏଚଜିଙ୍କ ପାଇଁ ଏକ ବଜାର ସୁବିଧା ସୃଷ୍ଟି କରିପାରିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଉଦ୍‌ଯାପନୀ ଉତ୍ସବ



**ଭଞ୍ଜନଗର,୧୦ା୨(ସମିସ):** ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟରେ ୨୯ତମ ଭାରତ ସ୍କାଉଟ୍ସ ଓ ଗାଇଡ୍ସର କ୍ୟାମ୍ପୋରୀ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ମୁଖ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର କମିଶନର ଡ଼. କାଳିପ୍ରସାଦ ମିଶ୍ର ଯୋଗ ଦେଇଥିବା ବେଳେ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ, ରାଜ୍ୟ ପ୍ରଶାସନିକ ଅଧିକାରୀ ଅନାମିକା ଦାସ, ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ଏସ. ଧନଞ୍ଜୟ, କଲ୍ୟାଣୀ ପାଢ଼ୀ, ସ୍ୱରାଜ କହଁର, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଭାଗିରଥି ସ୍ୱାଇଁ, ବଡକୋଦଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ଜେନା, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଉମାକାନ୍ତ ନାହାକ, ବିନୋଦ ବିହାରୀ ପାତ୍ର, ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ସ୍କାଉଟର ବିଭିନ୍ନ କାର୍ଯ୍ୟକ୍ରମକୁ ବୁଲି ଦେଖିଥିଲେ। ସନ୍ତୋଷ ଜେନା, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଦିଲ୍ଲୀପ କୁମାର ସ୍ୱାଇଁ, ଆଦିତ୍ୟ କୁମାର ତ୍ରିପାଠୀ ଓ ଦାୟିତ୍ୱ ସମ୍ପନ୍ନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ସହ ପ୍ରଶଂସିତ କରାଯାଇଥିଲା। ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ଶିକ୍ଷକନେତା ଜଗବନ୍ଧୁ ଜେନା, ଶାଖା ପରିଚାଳକ ବିରୁପାକ୍ଷ ପାଢ଼ୀ, ସାଇରମ ନାୟକ, ମୋହିତ ରଞ୍ଜନ ପାତ୍ର, ଅନୁପମ ବାନାର୍ଜୀ ଯୋଗଦେଇ ସ୍କାଉଟ୍ସ ଓ ଗାଇଡ୍ସ ମାନଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ। ବିଚାରକ ଭାବେ ବିଶିଷ୍ଟ କଳାକାର ଜଗଦୀଶ ପାଣିଗ୍ରାହୀ, ନାରାୟଣ ମହାରଣା ଓ ପୁଷ୍ପାଞ୍ଜଳି ପଣ୍ଡା ଯୋଗଦେଇ ଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ସଲାଗୁଡ଼ାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ଫିରିଙ୍ଗିଆ,୧୦ା୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଲାଗୁଡା ପଞ୍ଚାୟତ ରେ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧୀନରେ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ରୋହିତ କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷା ନମିତା କହଁର, ସାଂସଦ ପ୍ରତିନିଧି ବିଷ୍ଣୁଚରଣ ମଲିକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ମହିଳା ସଦସ୍ୟା ସୁଜାତା କହଁର, ଗୋଚ୍ଛାପଡା ସରପଞ୍ଚ ଯୁଗାନ୍ତ କହଁର, ସଲାଗୁଡା ସମିତିସଭ୍ୟ ଭାଗିରଥି ସାହୁ, ପୂର୍ବତନ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର କହଁର, ନାଏବ ସରପଞ୍ଚ ପୂର୍ଣ୍ଣିମା କହଁର,ପୂର୍ବତନ ବିଜେଡି ସଭାପତି ଚିତ୍ତରଞ୍ଜନ କହଁର, ସଲାଗୁଡା ଅଙ୍ଗନବାଡ଼ି ପରିଦର୍ଶିକା ଶୈଳବାଳା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ଭରତ ଦିଗାଲ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତ ଅଧୀନରେ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ନେଇ ପ୍ରସ୍ତୁତ ହୋଇଥିବା ପୁସ୍ତକକୁ ଅତିଥି ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟସରକାରଙ୍କ କଳାକାର ଭତ୍ତା ପାଉଥିବା କଳାକାରଙ୍କ ଦ୍ୱାରା ସରକାରୀ ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା।

# ବଡ଼କୋଦଣ୍ଡା ହାଇସ୍କୁଲର ବାର୍ଷିକ ଉତ୍ସବ



**ଭଞ୍ଜନଗର,୧୦ା୨(ସମିସ):** ଭଞ୍ଜନଗର ନିକଟ ବଡ଼କୋଦଣ୍ଡା ଜବାହର ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ସନ୍ତୋଷ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର କୃତିବାସ ବିଶ୍ୱାଳ, ମୁଖ୍ୟବକ୍ତା ଜଗବନ୍ଧୁ ଜେନା, ସମ୍ମାନିତ ଅତିଥି ପ୍ରାଧାପକ ଡ଼. ଗୁରୁମୂର୍ତ୍ତି ନାୟକ, ପ୍ରାଧାପକ ଅଶୋକ କୁମାର ସ୍ୱାଇଁ, ବରିଷ୍ଠ ଶିକ୍ଷକ ମନୋରଞ୍ଜନ ପଣ୍ଡା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋଲାପ ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବିଭୁତି ଭୂଷଣ ଦାସ, ବିକ୍ରମ ଆରୁଖ ଓ ବିପ୍ର ଚରଣ ସାହୁଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ନୈତିକ ଜ୍ଞାନ, ଶାଳୀନତା, ଆଚାର. ବ୍ୟବହାର, ଅଧୟନ ଉପରେ ବକ୍ତବ୍ୟ ପ୍ରଦାନ ସହ ମଣିଷ ଭଳି ମଣିଷଟିଏ ହେବା ପାଇଁ ଦିଗଦର୍ଶନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ମାନଙ୍କୁ ତାଙ୍କର ଉଲ୍ଲେଖନିୟ କାର୍ଯ୍ୟ, ଶିକ୍ଷାଦାନ, ଦାୟିତ୍ୱବୋଧ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ମୋହନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷକ କର୍ମଚାରୀ ପରିଚାଳନା କରିଥିଲେ। ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଲିସ କର୍ମଚାରୀଙ୍କୁ ଆକ୍ରମଣ ଘଟଣା, ୩ ଗିରଫ

ବ୍ରହ୍ମପୁର,୧୦ା୨(ସମିସ): ଦୁଇ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଗୋଷାଣିନୂଆଗାଁ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହିଲପାଟଣା ଖ୍ରୀଷ୍ଟିୟାନ ସାହିର ଆଶିଷ କୁମାର ସାହୁ (୨୨), ପି. କ୍ରିଷ୍ଣା ପାତ୍ର (୧୯) ଓ ଲୋଚାପଡ଼ାର ପି. ଧନଞ୍ଜୟ ପାତ୍ର(୧୯)। ଅଭିଯୁକ୍ତ ଆଶିଷ ଓ କ୍ରିଷ୍ଣାଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ଥିବା ପୁଲିସ ତଦନ୍ତରେ ଜଣାପଡିଛି। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ବ୍ରହ୍ମପୁର ଷ୍ଟେସନରୋଡରେ ଥିବା ବିଦେଶୀ ମଦ ଦୋକାନ ନିକଟରେ ଉପରୋକ୍ତ ୩ଯୁବକ ମଦ୍ୟପାନ କରି ପାଟିତୁଣ୍ଡ କରୁଥିଲେ। ସେଠାରେ ଉପସ୍ଥିତ ଆଇନଜୀବୀ ଓ କିଛି ଯୁବକ ଏହାର ପ୍ରତିବାଦ କରିବାରୁ ସେମାନଙ୍କୁ ମଧ ଗାଳିଗୁଲଜ କରିଥିଲେ। କୌଣସି ସୂତ୍ରରୁ ଖବରପାଇ ଗୋଷାଣିନୂଆଗାଁ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ଥାନା ପକ୍ଷରୁ ଓଏପିଏଫ କନଷ୍ଟେବଲ ଆନନ୍ଦ ଶବର, କ୍ରାଇମ ହାବିଲଦାର ହେମନ୍ତ ପାତ୍ରଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ପୁଲିସ ପକ୍ଷରୁ ସେମାନଙ୍କୁ ବୁଝାସୁଝା ବେଳେ ଉପରୋକ୍ତ ଅଭିଯୁକ୍ତମାନେ କନେଷ୍ଟବଲ ଆନନ୍ଦ ଓ ହାବିଲଦାର ହେମନ୍ତଙ୍କୁ ଆକ୍ରମଣ କରିଥିଲେ। ଏଥିରେ ପୁଲିସ କର୍ମଚାରୀ ଆନନ୍ଦ ଓ ହେମନ୍ତ ଆହତ ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଉପରୋକ୍ତ ୩ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ମା’ କୁରେଇଶୁଣୀମନ୍ଦିର ପାଇଁ ଭୂମିପୂଜା

**ଛେଳିଗଡ,୧୦ା୨(ସମିସ):** ଗଜପତି ଜିଲ୍ଲା ରା. ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତ ସ୍ଥିତ ମା’ କୁରେଇଶୁଣୀ ମନ୍ଦିରରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଦ୍ୱାରା ମାଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା କରାଯାଇଛି । ପ୍ରଥମେ ରାମଗିରି ଶ୍ରୀ ରାମେଶ୍ୱର ବଣିକ ସଙ୍ଘ ତରଫରୁ ଜିଲ୍ଲାପାଳଙ୍କ ସମେତ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଜିଲ୍ଲାପାଳ ପ୍ରଥମେ ମା’ କୁରେଇଶୁଣୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଥିଲେ। ପୁରୋହିତ ପ୍ରଶାନ୍ତ କୁମାର ଦାସ ଏବଂ ରଞ୍ଜିତ କୁମାର ଦାସଙ୍କ ଦ୍ୱାରା ଭୂମି ପୂଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହ ବିଜେଡି ଜିଲ୍ଲା ସଭାପତି ଜଗବନ୍ଧୁ ଦାସ , ରାଜ୍ୟ ସରକାରଙ୍କ ଆଦିବାସୀ ଉନ୍ନୟନ ସମବାୟ ନିଗମ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଗମାଙ୍ଗ, ରା.ଉଦୟଗିରି ବ୍ଲକ ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର , ରାମଗିରି ନାଏବ ସରପଞ୍ଚ ରାଜେନ୍ଦ୍ର କୁମାର ମାଝୀ, ଏସିଇ ପାରଳାଖେମୁଣ୍ଡି ନରେନ୍ଦ୍ରନାଥ ମହାରଣା , ଛେଳିଗଡ଼ ଜଳ ସେଚନ ପ୍ରକଳ୍ପ ଅଧିକ୍ଷକ ଯନ୍ତ୍ରୀ ବୀରେନ୍ଦ୍ର କୁମାର ଜଗତ ,ଜିଲ୍ଲାପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି , ଛେଳିଗଡ଼ ଜଳସେଚନ ପ୍ରକଳ୍ପ ଏଇ ସୁଧୀର ପ୍ରଧାନ, ରାମଗିରି ଗ୍ରାମର ବୟସ୍କ ବ୍ୟକ୍ତି ପୂର୍ଣ୍ଣଚନ୍ଦ୍ର ରାଉତ ଏବଂ ଏସଏଚଜି ମହିଳା ଓ ରାମଗିରି ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



**ଭଞ୍ଜନଗର,୧୦ା୨(ସମିସ):** ଭଞ୍ଜନଗର ଥାନାରେ ନୂତନ ଥାନାଧିକାରୀ ଭାବେ କୁମାର ମୁଦୁଲି ଯୋଗ ଦେଇଛନ୍ତି। ପୂର୍ବରୁ ଶ୍ରୀ ମୁଦୁଲି କନ୍ଧମାଳ ଜିଲ୍ଲା କେ. ନୂଆଗାଁ ଥାନାରେ କାର୍ଯ୍ୟରତ ଥିଲେ। ଭଞ୍ଜନଗର ସହରରେ ଆଗାମୀ ଦିନରେ ଟ୍ରାଫିକ ସମସ୍ୟା ଓ ଭଞ୍ଜନଗର ସହରରେ କିପରି ଶାନ୍ତି ଶୃଙ୍ଖଳା ବଜାୟ ରହିବ ତା ଉପରେ ଗୁରୁତ୍ୱ ଦେବାକୁ ନୂତନ ଥାନା ଅଧିକାରୀ ଶ୍ରୀ ମୁଦୁଲି କହିଛନ୍ତି। ପୂର୍ବରୁ ଭଞ୍ଜନଗର ଥାନାରେ ଗତ କିଛି ମାସ ହେବ ଥାନାଧିକାରୀ ଭାବେ ଭଗବାନ କରିଥିବା ଶ୍ରୀ ପୂଜାରୀଙ୍କୁ ଏଠାରୁ କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ଥାନାକୁ ବଦଳି ହେଇଛି।

# ଧାର ଟଙ୍କା ମାଗିବାରୁ ଧମକ, ଜଣେ ଗିରଫ

**ବ୍ରହ୍ମପୁର,୧୦ା୨(ସମିସ):** ଏକାଧିକ ଲୋକଙ୍କଠାରୁ ଟଙ୍କା ନେଇ ଟଙ୍କା ଫେରସ୍ତ କରିବା ବଦଳରେ ବିଭିନ୍ନ ଧମକ ଦେଇଥିବା ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ସଦର ଥାନା ଅନ୍ତର୍ଗତ ନଳୀହାଡ ଗ୍ରାମର ତୋଫାନ ବିଷୋୟୀ(୨୭)। ସୂଚନାଯୋଗ୍ୟ ଯେ, ନଳୀହାଡ ଗ୍ରାମର ତେଫୋନ ଓ ତାଙ୍କ ବଡ ଭାଇ ମିଥୁନ ବିଷୋୟୀ ନିଜ ସ୍ୱାସ୍ଥ୍ୟ ସମସ୍ୟା, ଗୃହ ନିର୍ମାଣ ଓ ବ୍ୟକ୍ତିଗତ ଜରୁରୀ ଥିବା ଦର୍ଶାଇ ବିଭିନ୍ନ ଲୋକଙ୍କଠାରୁ ପ୍ରାୟ ୧୧ଲକ୍ଷ ଟଙ୍କା ଧାର ନେଇଛନ୍ତି। ଧାର ନେଇଥିବା ଟଙ୍କା ଫେରାଇବା ପାଇଁ ଲୋକମାନେ ଦୁଇ ଭାଇଙ୍କୁ କହିବା ପରେ ସେମାନେ ଦିନ ଗଡାଇ ଚାଲିଥିଲେ। ଏପରିକି ବିଭିନ୍ନ ଧମକ ମଧ ଦେଉଥିଲେ। ବାରମ୍ବାର ଟଙ୍କା ମାଗି ନିରାଶ ହେବା ପରେ ଧାର ଦେଇଥିବା ଲୋକମାନେ ସଦର ଥାନାକୁ ଯାଇ ଦୁଇ ଭାଇଙ୍କ ବିରୋଧରେ ଅଭିଯୋଗ କରିଥିଲେ। ସେତେବେଳେ ଉଭୟ ଟଙ୍କା ଫେରାଇ ଦେବେ ବୋଲି କହିଥିଲେ। ହେଲେ ନିର୍ଦ୍ଧାରିତ ସମୟ ସରିବା ପରେ ଲୋକମାନେ ଟଙ୍କା ମାଗିବାରୁ ସାନଭାଇ ତୋଫାନ ଧମକ ଦେଇଥିଲେ। ଏନେଇ ଅଭିଯୋଗ ପରେ ପୁଲିସ ତୋଫାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର



**ବ୍ରହ୍ମପୁର,୧୦ା୨(ସମିସ):** ସ୍ଥାନୀୟ ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଓ ପ୍ରାଚୀନ ସାହିତ୍ୟ ସଂସଦ ବ୍ରହ୍ମପୁରର ମିଳିତ ଆନୁକୂଲ୍ୟରେ ଶନିବାର ଏକ ଆଲୋଚନାଚକ୍ର ଓ କବିତାପାଠ ଅନୁଷ୍ଠିତ ହୋଇଯାଇଛି। ସଂସଦର ଡ ଲକ୍ଷ୍ମୀନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡ ଦିବାକର ନାୟକ ଯୋଗଦେଇ କବିତା ଲିଖନ ଶୈଳୀ ଉପରେ ଆଲୋଚନା ଉପସ୍ଥାପନ କରିଥିଲେ। ସେହିପରି ମୁଖ୍ୟବକ୍ତା ବଂଶୀଧର ସେଠୀ, ଗୋପାଳ କୃଷ୍ଣ ପଟ୍ଟନାୟକ ଯୋଗ ଦେଇ ପଦାବଳୀ ସାହିତ୍ୟର ବୈଶିଷ୍ଟ୍ୟ ଓ ଐଶ୍ୱର୍ଯ୍ୟ ସଂପର୍କରେ ଏକ ସାରଗର୍ଭକ ଆଲୋଚନା କରିଥିଲେ। ଅଧାପକ ଶାନ୍ତନୁ ସୁନା ଓଡିଆ ପଦାବଳୀ ସାହିତ୍ୟରେ କବି ଗୋପାଳକୃଷ୍ଣଙ୍କ ସ୍ଥାନ ସଂପର୍କରେ କହିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବୟିତ୍ରୀ ଅମିତା ମିଶ୍ର ଓ ଅଧାପିକା ନିବେଦିତା ପାଢୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ କବି ବୃନ୍ଦାବନ ପଣ୍ଡା, ପ୍ରମୋଦ କୁମାର ପଣ୍ଡା, ଚନ୍ଦ୍ରଶେଖର ମହାପାତ୍ର, ଡ ସନ୍ତୋଷ କୁମାର ଦାଶ, ଇଞ୍ଜିନିୟର କଳାରତ୍ନ ପ୍ରଫୁଲ୍ଲ କୁମାର ତ୍ରିପାଠୀ, କବୟିତ୍ରୀ ଗାୟତ୍ରୀ ସାହୁ, ତପସ୍ୱିନୀ ବେହେରା, ରୂପାଲି ମିଶ୍ର, ଜି.ସୁପ୍ରିୟା ରେ‡ୀ, ସରିତା ଗୌଡ, ନିବେଦିତା ପାଢୀ, ଅମିତା ମିଶ୍ର, କବି ଲକ୍ଷ୍ମୀନାରାୟଣ ଦାଶ, ବିଜୟ ଚନ୍ଦ୍ର ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ସଂପାଦକ କବି ବିଜୟ ଚନ୍ଦ୍ର ମିଶ୍ର ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ସ୍ନାତକୋତ୍ତର ଛାତ୍ରୀ ସୁଶ୍ରୀ ମାନିନୀ ସେଠୀ ଧନ୍ୟବାଦ ଅର୍ପଣ କକରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ବିଭାଗର ସମସ୍ତ ଅଧାପକ ଅଧାପିକାଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



**ଆସିକା,୧୦ା୨(ସମିସ):** ଆସିକା ବ୍ଲକ ବାଙ୍ଗରଡା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଆସିକା ବିଡିଓ ଫକୀର ଚରଣ ପରିଡ଼ା ସଂଯୋଜନା କରିଥିବାବେଳେ ସରପଞ୍ଚ ରଞ୍ଜିତା ବିଶ୍ୱାଳଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟା ଅନିମା ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ତନ୍ମୟି ନାହାକ, ନଳବଣ୍ଟା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନ, ଗହଙ୍ଗୁ ସରପଞ୍ଚ ମନୋଜ ପରିଡ଼ା, ବେଣାପାଟ ସରପଞ୍ଚ ବବିତା ପ୍ରଧାନ, ସୂର୍ଯ୍ୟକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସ୍ୱୟଂ ସହାୟକ ଦଳ, ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, ଅଙ୍ଗନବାଡି କର୍ମୀଙ୍କ ସହ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

# ଦୀର୍ଘ ଦିନ ପ୍ରତୀକ୍ଷାର ଘଟିବ ଅନ୍ତ; ଶେରଗଡ଼ ପାଇବ ଏନ୍‌ଏସି ମାନ୍ୟତା

**ଶେରଗଡ,୧୦ା୨(ସମିସ):**

ଗଞ୍ଜାମ ଜିଲ୍ଲାର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ଭାବେ ଶେରଗଡ଼ ସହର ବେଶ ପରିଚିତ। ଏଠାକୁ ଜିଲ୍ଲାର କୋଣ ଅନୁକୋଣରୁ ବ୍ୟବସାୟ ଲାଗି ଲୋକେ ଆସିଥାନ୍ତି। ତେବେ ଜନସଂଖ୍ୟା ଏବଂ ଆୟତନ ଦୃଷ୍ଟିରୁ ଶେରଗଡ ଏନଏସି ପାଇବାକୁ ଯୋଗ୍ୟ। ଶେରଗଡ ସହରର ଲୋକସଂଖ୍ୟା ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ହେବ। ଏହା ସହ ୨୦ରୁ ଉର୍ଦ୍ଧ ୱାର୍ଡ ରହିଛି। ନାମ କିନ୍ତୁ ପଞ୍ଚାୟତ ହେଲେ ଏଠି ସହରିଆ ଢାଞ୍ଚା। ରାଜନୈତିକ ଚକ୍ରବ୍ୟୂହରେ ପଡି ଶେରଗଡ ପ୍ରାୟ ଦୀର୍ଘ ୬୦ ବର୍ଷ ହେଲା ଛଟପଟ ହେଉଥିଲା ଏନଏସି ମାନ୍ୟତା ପାଇବା ଲାଗି। ସେହି ଆଶାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିବାକୁ ଯାଉଛନ୍ତି। ଆସନ୍ତା ୧୪ ତାରିଖ ଦିନ ସେ ଶେରଗଡ଼ ଗସ୍ତରେ ଆସୁଛନ୍ତି। ଏହି ସମୟରେ ଶେରଗଡ ପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ରୂପେ ଘୋଷଣା ହେବାର କାର୍ଯ୍ୟକ୍ରମ ରହିଛି। ଯଦି ଶେରଗଡ ପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ହୁଏ ତେବେ ଶେରଗଡ ଅଞ୍ଚଳବାସୀ ବିଶେଷ ଉପକୃତ ହୋଇପାରିବେ। ଏନେଇ ସେମାନେ ଯାହା କହନ୍ତି ...

**ସବିତା ରାଣୀ ଚୌଧୁରୀ ,ସମିତି ସଭ୍ୟା ତଥା ରାଜ୍ୟ ମହିଳା ଏବଂ ଶିଶୁ ବିକାଶ ବିଭାଗ ଉପଦେଷ୍ଟା**



ଶେରଗଡ ସହରରେ ଦ୍ରୁତ ଗତିରେ ବଢିଚାଲିଥିବା ଜନସଂଖାକୁ ଦେଖିଲେ ଲାଗୁଛି କେବେଠାରୁ ବିଜ୍ଞାପିତ ଅଞ୍ଚଳ ହେବାକୁ ଯୋଗ୍ୟ। ଶେରଗଡ ପଞ୍ଚାୟତକୁ ଆସୁଥିବା ଅନୁଦାନ ଶେରଗଡ ରହିଥିବା ୱାର୍ଡ ମାନଙ୍କୁ ଯଥେଷ୍ଟ ହେଉନଥିଲା, ଯେଉଁଥିପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା। ଆସନ୍ତା ୧୪ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶେରଗଡ ଗସ୍ତ କରୁଛନ୍ତି। ଏହି ସମୟରେ ଶେରଗଡକୁ ଏନଏସି ମାନ୍ୟତା ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଶେରଗଡ ପଞ୍ଚାୟତକୁ ଏନଏସିରେ ପରିଣତ କରାଗଲେ ଶେରଗଡ ଅଞ୍ଚଳବାସୀ ବିଶେଷ ଉପକୃତ ହୋଇପାରନ୍ତେ।

**ସନ୍ତୋଷ କୁମାର ପଟ୍ଟନାୟକ,ବ୍ଲକ ଯୁବ ବିଜେଡି ସଭାପତି**



ଶେରଗଡ ଅଞ୍ଚଳବାସୀ ଦୀର୍ଘ ଦିନ ଧରି ଯେଉଁ ସ୍ୱପ୍ନ ଦେଖି ଆସୁଥିଲେ ତାହା ଆମର ପ୍ରିୟ ବିଧାୟକ ତଥା ମୁଖ୍ୟମନ୍ତ୍ରୀ ପୂରଣ କରିବାକୁ ଯାଉଛନ୍ତି। ସେଥିଲାଗି ଶେରଗଡ ଅଞ୍ଚଳବାସୀ ଓ ଶେରଗଡ ବ୍ଲକ ବିଜେଡି ଦଳ ତରଫରୁ ତାଙ୍କୁ ଧନ୍ୟବାଦ ଏବଂ ପୁଣିଥରେ ବିଧାୟକ ଭାବରେ ନିର୍ବାଚିତ କରି ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବାକୁ ଅଞ୍ଚଳବାସୀ ଚାହିଁ ବସିଛନ୍ତି।

**ଶରତ ପାତ୍ର,ବ୍ଲକ ବିଜେଡି ସଭାପତି**



ଶେରଗଡ ହେଉଛି ବ୍ୟସ୍ତବହୁଳ ଏବଂ ବ୍ୟବସାୟିକ ପେଣ୍ଠ ସ୍ଥଳ। ଏଠାରେ ଜିଲ୍ଲାର ବିଭିନ୍ନ ଗ୍ରାମରୁ ଆସି ଲୋକେ ବସବାସ କରିବା ଫଳରେ ଶେରଗଡ ସହରର ଜନସଂଖ୍ୟା ଦ୍ରୁତ ଗତିରେ ବଢିଚାଲିଛି। ଶେରଗଡ ପଞ୍ଚାୟତ ବ୍ଲକର ସଦର ମହକୁମା ହୋଇଥିବା ହେତୁ ଏହା ଏନଏସିର ସମସ୍ତ ମାନଦଣ୍ଡ ପୂରଣ କରୁଛି। ତେଣୁ ଏହା ଏନଏନସି ମାନ୍ୟତା ପାଇଲେ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବ ଏବଂ ବିଭିନ୍ନ ସମସ୍ୟାର ସମାଧାନ ହେବ।

**ବିଜୟ କୁମାର ପାଢୀ,ବରିଷ୍ଠ ଶିକ୍ଷକ**



ଶେରଗଡ ସହରର ଦ୍ରୁତ ଜନସଂଖ୍ୟା ଅଭିବୃଦ୍ଧି ସହ ବ୍ୟବସାୟିକ ପେଣ୍ଠସ୍ଥଳ ତଥା ସମଫ ପ୍ରକାରର ମୁଖ୍ୟ କାର୍ଯ୍ୟାଳୟ ଥିବା ସତ୍ତ୍ୱେ ଶେରଗଡକୁ ଏନଏସିର ମାନ୍ୟତା ନମିଳି ପଞ୍ଚାୟତ ହୋଇ ରହିଥିଲା । ଯେଉଁଥିଲାଗି ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନଥିଲା। ତେଣୁ ମୁଖ୍ୟମନ୍ତ୍ରୀ ଶେରଗଡକୁ ବିଜ୍ଞାପିତ ଅଞ୍ଚଳ ରୂପେ ଘୋଷଣା କଲେ ଶେରଗଡବାସୀ ଉପକୃତ ହୋଇପାରନ୍ତେ।

**ଦୁର୍ଗାପ୍ରସାଦ ବିଷୋୟୀ,ବରିଷ୍ଠ ସମାଜସେବୀ**



ଶେରଗଡବାସି ଚାହିଁ ବସିଥିଲେ ଶେରଗଡକୁ କେବେ ଏନଏସି ମାନ୍ୟତା ମିଳିବ। ତାହା ୧୪ ତାରିଖରେ ପୂରଣ ହେବାକୁ ଯାଉଛି। ଶେରଗଡ ଏନଏସିର ମାନ୍ୟତା ପାଇଲେ ଅଧିକ ଅର୍ଥ ଆସିବ ଏବଂ ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ଏବଂ ଲୋକଙ୍କ ସମସ୍ୟା ଦୂର ହେବା ସହ ଶେରଗଡ ସହର ପ୍ରଗତି କରି ଆଗେଇ ଚାଲିବ।

REQUIREMENT
SIMILIPAL SCIENCE RESIDENTIAL HIGHER SECONDARY SCHOOL &
SIMILIPAL ENGLISH MEDIUM (CBSE) SCHOOL
MANDUA, KARANJIA, MAYURBHANJ
REQUIRE LECTURERS- Physics, Chemistry, Botany, Zoology, Odia, English, Sanskrit, Mathematics, and IT.
DEMONSTRATOR- Physics, Chemistry, Biology and IT.
TGT - Science & Arts having requsite Qualification.
OFFICE Asst. (Clerk)
Salary Negotiable. No TA/DA for attending interview.
DATE OF INTERVIEW: 18.02.2024, 10.30 AM
8249824225, 9937965115
sristkaranjia@yahoo.com
Sd/-
Chairman



# ବିକ୍ରି ହେଉଛି ସେନାବାହିନୀ ପୋଷାକ; ଥାନାରେ ମାମଲା

**ବ୍ରହ୍ମପୁର, ୧୦ ।୨(ସମିସ):** ସ୍ଥାନୀୟ ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଏକ ବସ୍ତ୍ରାଳୟରେ ଆର୍ମି ୟୁନିଫର୍ମ ବିକ୍ରୀ ହେଉଥିବା ଅଭିଯୋଗ ହୋଇଛି । ଯେଉଁ ୟୁନିଫର୍ମ ଖୋଲା ବଜାରରେ ବିକ୍ରି କରିବାକୁ ଆର୍ମି ପକ୍ଷରୁ କଟକଣା ଜାରି କରାଯାଇଛି । ତେବେ ଘଟଣା ସାମ୍ନାକୁ ଆସିବା ପରେ ଆର୍ମି ଏଡି କଲେଜ ରେଜିମେଣ୍ଟ ପୁଲିସ ଭାବେ କାର୍ଯ୍ୟ କରୁଥିବା ରାମବାବୁ ଡାଙ୍ଗି ଅଭିଯୋଗ କରିଛନ୍ତି । ଅଭିଯୋଗ ପ୍ରକାରେ, ଉକ୍ତ ବସ୍ତ୍ରାଳୟରେ ସେନା କର୍ମଚାରୀ ବ୍ୟବହାର କରୁଥିବା ଅନୁରୁପ ବା ଅବିକଳ ୟୁନିଫର୍ମ ବିକ୍ରି ହେଉଥିବା ଖବର ମିଳିଥିଲା । ସେହିକ୍ରମରେ ଗୋପାଳପୁର ମିଲିଟାରୀ ଷ୍ଟେସନରେ ଆର୍ମି ଏଡି କଲେଜରେ ରେଜିମେଣ୍ଟ ପୁଲିସ ଭାବେ କାର୍ଯ୍ୟ କରୁଥିବା ରାମବାବୁ ଡାଙ୍ଗି ସମ୍ପୃକ୍ତ ବସ୍ତ୍ରାଳୟକୁ କିଛି କପଡ଼ା କ୍ରୟ କରିବାକୁ ଯାଇଥିଲେ । ଏହି ସମୟରେ ସେଠାରେ ଆର୍ମି ୟୁନିଫର୍ମ ବିକ୍ରି ହେଉଥିବା ଦେଖିବାକୁ ପାଇଥିଲେ । ତେବେ ଏହି ୟୁନିଫର୍ମ ଖୋଲା ବଜାରରେ ବିକ୍ରି କରାଯାଇ ପାରିବ ନାହିଁ ବୋଲି ଆର୍ମି ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଥିବା ସେ ଦର୍ଶାଇଛନ୍ତି । ଏଣୁ ଏହି ୟୁନିଫର୍ମ ବିକ୍ରି କରିବାକୁ କିଏ ଅନୁମତି ଦେଇଛି ବୋଲି ବସ୍ତ୍ରାଳୟର ମାଲିକଙ୍କୁ ପ୍ରଶ୍ନ କରିଥିଲେ । କିନ୍ତୁ ସନ୍ତୋଷ ଜନକ ଉତ୍ତର ପାଇନଥିଲେ । ପରେ ଏନେଇ ରାମବାବୁ ନିଜ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ସମ୍ପୃକ୍ତ ବସ୍ତ୍ରାଳୟରେ ଏହି ବେଆଇନ ବିକ୍ରି ବିରୋଧରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।



ବିଇଏମ୍‌ସିର ଦୃଷ୍ଟି ଆଢୁଆଳରେ ବୁଦ୍ଧ ପ୍ରତିମୂର୍ତ୍ତି

# 'ପ୍ରଦୂଷଣ ଶୂନ୍ୟ ଅଞ୍ଚଳ' ହେବ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ

**ବ୍ରହ୍ମପୁର, ୧୦ ।୨(ସମିସ)**

ଦିନକୁ ଦିନ ପ୍ରଦୂଷଣ ଜନିତ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହାଦ୍ୱାରା ପରିବେଶ ନଷ୍ଟ ହେବା ସହିତ ବିଭିନ୍ନ ରୋଗରେ ପ୍ରାଣୀଜଗତ ଶୀକାର ହେଉଛନ୍ତି । ଏଣୁ ପ୍ରଦୂଷଣକୁ ରୋକିବା ସମଗ୍ର ବିଶ୍ୱପାଇଁ ଏକ ବଡ ଚାଲେଞ୍ଜ ଭଳି ହୋଇଛି । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବା ଭଞ୍ଜବିହାର କ୍ୟାମ୍ପସକୁ ପ୍ରଦୂଷଣ ଶୂନ୍ୟ ଅଞ୍ଚଳ କରିବାକୁ ଅଣ୍ଟା ଭିଡିଛନ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ । ସପ୍ତାହରେ ଅନ୍ତତଃ ଗୋଟିଏ ଦିନ କ୍ୟାମ୍ପସକୁ ଯାନବାହାନ ନଆଣିବାକୁ ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ହୋଇଛି । ଫଳରେ ପ୍ରତି ଶନିବାର ଗୋଟିଏ ଦିନ ଖୋଦ କୁଳପତିଙ୍କ ଠାରୁ ଆରମ୍ଭ କରି ଉଭୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସମସ୍ତଙ୍କ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ସେହିଭଳି ରାଜ୍ୟ ସରକାର ଇ-ଯାନକୁ ପ୍ରୋତ୍ସାହନ ଦେଉଥିବା ବେଳେ ଗାଡି କିଣଇବା ଉପରେ ରିହାତି ମଧ ଦେଉଛନ୍ତି । ଏହାର ସୁଯୋଗ ନେବା ସହିତ କ୍ୟାମ୍ପସକୁ ପ୍ରଦୂଷଣ ମୁକ୍ତ କରିବାକୁ ଲକ୍ଷ୍ୟ ରଖିଥିବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସମସ୍ତ କର୍ମଚାରୀ ପ୍ରାୟ ୩୫୦ରୁ ଅଧିକ ସମସ୍ତଙ୍କୁ ଋଣ ଜରିଆରେ ଇ-ଯାନ ଯୋଗାଇବାକୁ ଯୋଜନା ରଖିଛନ୍ତି । ବିନା ସୁଧରେ ସ୍ୱଳ୍ପ ମୂଲ୍ୟରେ ଇ-ଯାନ ଯୋଗାଇଦେବାକୁ କର୍ତ୍ତୃପକ୍ଷ ଯୋଜନା ରଖି ସମସ୍ତ କର୍ମଚାରୀଙ୍କ ଠାରୁ ସେମାନଙ୍କର ମତାମତ ସଂଗ୍ରହ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଶତକଡା ପ୍ରାୟ ୭୦ପ୍ରତିଶତ ଏଥିରେ ସହମତି ପ୍ରକାଶ କରିଥିବା ଜଣାପଡ଼ିଛି । ଏହି ପରିପ୍ରେକ୍ଷୀରେ କ୍ୟାମ୍ପସ ପରିସରରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ୧୨ଲକ୍ଷ ଟଙ୍କା ବ୍ୟୟରେ ୨ଟି ୬ସିଟ ବିଶିଷ୍ଟ ୪ଚକିଆ ଇ-ଯାନ ପ୍ରଦାନ କରାଯାଇଛି । ଏହି ଅବସରରେ ଏସବିଆଇ ପକ୍ଷରୁ ଭୁବନେଶ୍ୱର ମହାପ୍ରବନ୍ଧକ ଉତ୍ତମ କୁମାର ହାଜରା ଚୌଧୁରୀ, ବ୍ରହ୍ମପୁର ଶାଖାର ଉପ ମହାପ୍ରବନ୍ଧକ ସନ୍ଦୀପ କୁମାର ଚୌବେ, ଆଞ୍ଚଳିକ ମହାପ୍ରବନ୍ଧକ ପ୍ରଶାନ୍ତ କୁମାର ବେହେରା ଓ ଭଞ୍ଜବିହାର ଶାଖାର ପରିଚାଳକ ଶିବାଶିଷ ଷଡଙ୍ଗୀଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ରହି ଉଭୟ ଇ-ଯାନର ଚାବି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡଃ ଗିତାଞ୍ଜଳୀ ଦାଶଙ୍କୁ ହସ୍ତାନ୍ତର କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳସଚିବ ସଚ୍ଚିଦାନନ୍ଦ ନାୟକ, ଉପକୁଳ ସଚିବ ଡଃ ବାପୁଜୀ ସାମଲ, ସହ କୁଳସଚିବ ଡଃ ସରୋଜ କୁମାର ଦାଶ, ବିତ୍ତ ନିୟନ୍ତ୍ରକ ଅଶୋକ କୁମାର ଢଙ୍ଗଦାମାଝୀ, ପରୀକ୍ଷା ନିୟନ୍ତ୍ରକ ଡଃ ସତ୍ୟନାରାୟଣ କୁଣ୍ଡ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ କର୍ମଚାରୀଙ୍କ ସୁବିଧା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧିକା ୨ଟି ଇ-ଯାନ ଅଣାଯିବ ବୋଲି କୁଳପତି ପ୍ରଫେସର ଡଃ ଦାଶ ସୂଚନା ଦେଇଛନ୍ତି । ସେହିଭଳି ଏହି ଅଭିଯାନରେ ଆଉ ପାଦେ ଆଗକୁ ଯାଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୌରଶକ୍ତି ପ୍ରକଳ୍ପ ଜରିଆରେ ମୋଟ ୨୦୦ ୱାଟ ବିଦ୍ୟୁତ ଶକ୍ତି ଉତ୍ପନ୍ନ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ବର୍ତ୍ତମାନ ଦୈନିକ ମୋଟ ୩୦ୱାଟ ବିଦ୍ୟୁତ ଉତ୍ପାଦନ କରାଯାଉଛି । ଏବଂ ଖୁବ୍‌ଶୀଘ୍ର ଅଧିକ ୩୦ୱାଟ ସୌରଶକ୍ତି ଉତ୍ପନ୍ନ କରାଯିବ ବୋଲି ସୂଚନା ଦେଇଛନ୍ତି କୁଳପତି ପ୍ରଫେସର ଦାଶ ।

- ଏସ୍‌ବିଆଇ ପକ୍ଷରୁ ବିଶ୍ୱବିଦ୍ୟାଳୟକୁ ୨ଟି ୪ଚକିଆ 'ଇ-ଯାନ' ପ୍ରଦାନ
- ୨ଶହ ୱାଟ୍ ସୌରଶକ୍ତି ଉତ୍ପନ୍ନ ପାଇଁ ରହିଛି ଯୋଜନା
- ସପ୍ତାହରେ ଗୋଟିଏ ଦିନ ଯାନବାହନ ବ୍ୟବହାର ଉପରେ କଟକଣା

## କର୍ମଚାରୀଙ୍କ ପାଇଁ 'ଇ-ଯାନ' ଯୋଗାଣ ବ୍ୟବସ୍ଥା ଖୁବ୍‌ଶୀଘ୍ର



# ଗର୍ଭବତୀ ମହିଳାଙ୍କ ମୃତ୍ୟୁକୁ ନେଇ ଥାନାରେ ଅଭିଯୋଗ

**ବ୍ରହ୍ମପୁର, ୧୦ ।୨(ସମିସ):** ବଡବଜାର ଥାନା ଅନ୍ତର୍ଗତ ହନୁମାନ ବଜାର ଅଞ୍ଚଳର ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁକୁ ନେଇ ଥାନାରେ ଅଭିଯୋଗ ହୋଇଛି । ମୃତ ମହିଳା ଜଣକ ହେଲେ ଉତ୍ତରପ୍ରଦେଶ ଯୌନପୁର ଜିଲ୍ଲାର ହରିହରପୁର ଚାନ୍ଦୱାର୍କ ନିବାସୀ ଅମିତ କୁମାର ଗୁପ୍ତାଙ୍କ ପତ୍ନୀ ନିଶା ଗୁପ୍ତା ବୋଲି ପୁଲିସ କହିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଅମିତ କୁମାର ଗୁପ୍ତା ନିଜ ଗର୍ଭବତୀ ସ୍ତ୍ରୀ ନିଶାଙ୍କର ସ୍ୱାସ୍ଥ୍ୟ ଖରାପ ହେତୁ ମେଡ଼ିକାଲ କାମରେ ବ୍ରହ୍ମପୁରକୁ ଗତ ୪ତାରିଖରେ ଆସିଥିଲେ । ଅମିତ ଓ ତାଙ୍କ ପତ୍ନୀ ନିଶା ବ୍ରହ୍ମପୁରରେ ରହୁଥିବା ଅମିତଙ୍କ ଭାଇ ଜିତେନ୍ଦ୍ର ଗୁପ୍ତାଙ୍କ ସ୍ଥାନୀୟ ହନୁମାନ ବଜାର ଛକ ନିକଟ ଭଡାଘରେ ରହିଥିଲେ । ନିଶା ୬ମାସର ଗର୍ଭବତୀ ଥିବା ହେତୁ ଗତ ୮ ତାରିଖରେ କମାପଲ୍ଲୀ ଅଞ୍ଚଳରେ ଏକ ଘରେଇ ହସ୍ପିଟାଲରେ ଜନୈକା ଡାକ୍ତରଙ୍କୁ ଦେଖାଇଥିଲେ । ଡାକ୍ତର ନିଶାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ବଡମେଡ଼ିକାଲରେ ଭର୍ତ୍ତି କରିବାକୁ ପରାମର୍ଶ ଦେଇଥିଲେ । ଏବଂ ନିଶାଙ୍କୁ ତୁରନ୍ତ ବଡ ମେଡିକାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ନିଶାଙ୍କୁ ବାନ୍ତି ଇଞ୍ଜେକ୍ସନ ଦେଇ ଘରକୁ ଫେରିଯିବାକୁ କହିଥିଲେ । ଘରକୁ ଆସିବାର କିଛି ସମୟ ପରେ ପୁଣି ନିଶାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ଏକ ଘରୋଇ ନର୍ସିଂହୋମକୁ ନିଆଯାଇଥିଲା । ସେଠାରେ ଦିର୍ଘ ୩ଘଣ୍ଟାର ଚିକିତ୍ସା ପରେ ପତ୍ନୀ ନିଶାଙ୍କୁ ନେଇ ଅମିତ ଘରକୁ ଫେରିଥିଲେ । ରାତିରେ ଶୋଇବା ପରେ ଶନିବାର ସକାଳେ ନିଶା ଆଉ ଉଠିନଥିଲେ । ଅମିତ ଭୟଭୀତ ହୋଇ ଆମ୍ବୁଲାନ୍ସ ଡାକି ନିଶାଙ୍କୁ ବ୍ରହ୍ମପୁର ବଡ ମେଡ଼ିକାଲରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଏନେଇ ଶନିବାର ଅମିତ ଗୁପ୍ତା ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ପୁଲିସ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ତଦନ୍ତ ଜାରି ରହିଥିବା କହିଛନ୍ତି ଥାନା ଅଧିକାରୀ ସୌଭାଗ୍ୟ ସ୍ୱାଇଁ ।

## କାଳ ସାଜୁଛି ଫାଷ୍ଟଫୁଡ୍

# ବ୍ୟାୟାମ ସହ ଓଜନ ଉପରେ ନିୟନ୍ତ୍ରଣ କରିବାକୁ ଡାକ୍ତରଙ୍କ ପରାମର୍ଶ



**ବ୍ରହ୍ମପୁର, ୧୦ ।୨(ସମିସ):** ବଢ଼ିବାରେ ଲାଗିଛି ହୃଦଘାତ ରୋଗୀଙ୍କ ସଂଖ୍ୟା । ପୂର୍ବରୁ ବୟସ୍କ ବ୍ୟକ୍ତି ଏହି ରୋଗର ଶିକାର ହେଉଥିବା ବେଳେ ଏବେ ଯୁବପିଢି ମଧ ହୃଦଘାତ ରୋଗରେ ଶିକାର ହେଉଛନ୍ତି । କେବଳ ଶିକାର ହେଉଛନ୍ତି ଏହା ନୁହେଁ ବରଂ ଅକାଳରେ ଜୀବନ ଯାଉଛି । କୋଭିଡ ପରବର୍ତ୍ତି ସମୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । କୋଭିଡରେ ଆକ୍ରାନ୍ତ ପରେ ଟିକା ନେଇଥିବା ଅଧିକାଂଶ ଯୁବକ ଓ ଯୁବତୀ ହୃଦଘାତରେ ଶିକାର ହୋଇ ପ୍ରାଣ ହରାଉଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିବା ବେଳେ ଡାକ୍ତର ଏହାକୁ ଖଣ୍ଡନ କରିଛନ୍ତି । ବର୍ତ୍ତମାନ ସମୟରେ ଯୁବପିଢିମାନେ ନିଜ ଶରୀର ଯତ୍ନ ନେଉଥିଲେ ହେଁ ଅଧିକାଂଶ ସମୟ ଫାଷ୍ଟଫୁଡ ବା ଜଙ୍କ ଖାଦ୍ୟ ଉପରେ ନିର୍ଭର କରିଥାନ୍ତି ।

ନିୟମିତ ଫାଷ୍ଟଫୁଡ ଖାଦ୍ୟ ଖାଇଲେ ବିଭିନ୍ନ ରୋଗର ଶିକାର ହେବାର ଯଥେଷ୍ଟ ସମ୍ଭବ ରହିଛି । ଏଭଳି ଖାଦ୍ୟରେ ଭରପୁର ତେଲ ରହୁଥିବା ଦେଖିବାକୁ ମିଳିଛି । ସେପଟେ ଫାଷ୍ଟଫୁଡ ବ୍ୟବସାୟୀମାନେ ବାରମ୍ବାର ଉକ୍ତ ତେଲକୁ ଖାଦ୍ୟସାମଗ୍ରୀ ପ୍ରସ୍ତୁତିରେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ଯାହା ଗ୍ରାହକଙ୍କ ନିମନ୍ତେ ଘୋର ବିପଦ ହୋଇଥାଏ । ଏଭଳି ତେଲରେ ପ୍ରସ୍ତୁତ ଖାଦ୍ୟ ଖା । ଇ ବ । ଦ୍ୱାରା ଶରୀରରେ କୋଲେଷ୍ଟ୍ରୋଲ ବା ଚର୍ବି ଅଂଶ ବଢ଼ିଥାଏ । ତାହା ହୃଦଘାତ ନିମନ୍ତେ ଅଧିକ ସହାୟତା ହେଉଛି । ବର୍ତ୍ତମାନ ସମୟରେ ଯୁବପିଢି ନିୟମିତ ଫାଷ୍ଟଫୁଡ୍ ଖାଦ୍ୟ ଖାଉଛନ୍ତି । ଯାହା ଫଳରେ ୨୫ରୁ ୪୫ବର୍ଷର ଅଧିକାଂଶ ବ୍ୟକ୍ତି ହୃଦଘାତର ଶିକାର ହୋଇ ମୃତ୍ୟୁ ମୁଖରେ ପଡୁଥିବା ଏମକେସିଜି ମେଡ଼ିକାଲର ହୃଦରୋଗ ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ଛବି ଶତପଥୀ କହିଛନ୍ତି । କୋଭିଡ ଟିକା ନେବା ପରେ କିମ୍ବା ଏହି ରୋଗୀର ଆକ୍ରାନ୍ତ ହୋଇଥିବା ରୋଗୀ ହୃଦଘାତରେ ଶିକାର ହେଉଥିବା ଘଟଣାକୁ ଡ଼ା. ଶତପଥୀ ଅସ୍ୱୀକାର କରିଛନ୍ତି । ଯୁବପିଢି ଧୂମପାନ ସହ ଫାଷ୍ଟଫୁଡ ଖାଦ୍ୟ ଠାରୁ ଦୂରେଇ ରହିବା ଆବଶ୍ୟକ । ଏହା ସହ ନିୟମିତ ଶାରୀରିକ ଶ୍ରମ ବା ବ୍ୟାୟାମ କରିବା ଉଚିତ । ତେଲ, ଘିଅ ଓ ଛଣାଛଣି ଖାଦ୍ୟ ନଖାଇ ସତେଜ ପନିପରିବା ଖାଇବା ଉଚିତ । ଏହା ସହ ନିଜର ଓଜନ ଉପରେ ନିୟନ୍ତ୍ରଣ ରଖିବା ସଙ୍ଗେସଙ୍ଗେ ରକ୍ତଚାପ ନିୟନ୍ତ୍ରଣ କରିବା ଆବଶ୍ୟକ । ସେହିପରି ମଧୁମେହ ରୋଗୀଙ୍କର ରକ୍ତରେ ଶର୍କରା ଓ କୋଲେଷ୍ଟ୍ରୋଲ ବା ଚର୍ବି ଅଂଶର ନିୟନ୍ତ୍ରଣ ନିତାନ୍ତ ଜରୁରୀ ବୋଲି ସେ ପରାମର୍ଶ ଦେଇଛନ୍ତି ।

# ସବୁଜ ବାହିନୀ ଓ ଆଞ୍ଚଳିକ ବିକାଶ ପରିଷଦର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




**ବ୍ରହ୍ମପୁର, ୧୦ ।୨(ସମିସ):** ସବୁଜ ବାହିନୀ ଓ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଶନିବାର ଇକୋ ୱାକ ପଦଯାତ୍ରାରେ ସାମିଲ ଥିବା ଯୁବ ପରିବେଶବିତ ଜଳେନ୍ଦ୍ର ମହଲିକଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ପରିବେଶ, ପର୍ଯ୍ୟାବରଣ ଓ ସମୁଦ୍ର ଉପକୂଳବର୍ତ୍ତୀ ଜିଲ୍ଲାର ସୁରକ୍ଷା ଓ ସଚେତନତା ସୃଷ୍ଟି ଓ ଆଗାମୀ ଦୁର୍ବିପାକକୁ ପ୍ରତିହତ କରିବା ପାଇଁ 'ଇକୋ ୱାକ୍' ନାମକ ଏକ ପଦଯାତ୍ରା ଶୁଭାରମ୍ଭ ହୋଇଥିଲା । ଚଳିତ ମାସ ୪ତାରିଖଠାରୁ ଗଞ୍ଜାମ ଜିଲ୍ଲା ସୁନାପୁର ବେଳାଭୂମିରୁ ଏହି ପଦଯାତ୍ରା ଶୁଭାରମ୍ଭ ହୋଇଥିଲା । ସାମାଜିକ କାର୍ଯ୍ୟକର୍ତ୍ତା ତଥା ଯୁବ ପରିବେଶବିତ ଜଳେନ୍ଦ୍ର ମହଲିକ ଏହି ପଦଯାତ୍ରା କିଛି ବନ୍ଧୁଙ୍କୁ ନେଇ ଆରମ୍ଭ କରିଛନ୍ତି । ପ୍ରଥମେ ଗଞ୍ଜାମ ଜିଲ୍ଲାର ସମସ୍ତ ସମୁଦ୍ର ଉପକୂଳ ଅଞ୍ଚଳ ସହ, ପୁରୀ, ଜଗତସିଂପୁର, କେନ୍ଦ୍ରାପଡ଼ା, ଭଦ୍ରକ ଜିଲ୍ଲା ହୋଇ ବାଲେଶ୍ୱର ଜିଲ୍ଲା ଉଦୟପୁରଠାରେ ଶେଷ ହେବା ଧାର୍ଯ୍ୟ ହୋଇଅଛି । ଏହି ପଦଯାତ୍ରା ମାଧ୍ୟମରେ ୧୦୦୦ରୁ ଉର୍ଦ୍ଧ ସାମାଜିକ ସଂଗଠନ, ସ୍କୁଲ, କଲେଜ, ମହିଳା ସଂଗଠନ ଏବଂ ୩ଲକ୍ଷରୁ ଉର୍ଦ୍ଧ ବ୍ୟକ୍ତିବିଶେଷଙ୍କ ସହ ସଂଯୋଗ ହେଇ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ରହିଛି । ଏଥିସହ ଏକ ସୁଦୀର୍ଘ ସହବନ୍ଧିତା ସ୍ଥାପନ କରି ଆଗାମୀ ଭବିଷ୍ୟତରେ ପରିବେଶ ସୁରକ୍ଷା ପାଇଁ କିପରି ଅଧିକ କାର୍ଯ୍ୟ କରାଯାଇପିରିବ ସେନେଇ ଜଳେନ୍ଦ୍ର ଲକ୍ଷ୍ୟ ରଖିଥିବା କହିଛନ୍ତି । ଏ ଅବସରରେ ସ୍ଥାନୀୟ ବନବିଭାଗ ଅତିଥି ଭବନରୁ ଏକ ଶୋଭାଯାତ୍ରା ବହାରି ସିଟି ହାଇସ୍କଲଠାରେ ପହଞ୍ଚିଥିଲା । ଏଥିରେ ଗଞ୍ଜାମ ଜିଲ୍ଲା ଇକୋ କ୍ଲବ ସଂଯୋଜକ ଡ଼. ଶଙ୍କର ନାରାୟଣ ବେଜ, ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର ମାନେ ଉପସ୍ଥିତ ଥିଲେ । ପରେ ପୁରୁଣା ବ୍ରହ୍ମପୁରର ପୁରୁଣା ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ । ଏଥିରେ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ରଥ ଓ ସମସ୍ତ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ ବିଜେନ୍ଦ୍ର ମାଝୀ, ଏ. ପ୍ରକାଶ, ସାଗର ପ୍ରାସାଦ ପାତ୍ର, ପି. ବିନୋଦ. ଜେ. ବିନୋଦ ଓ ମୁନା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ମହିଳାଙ୍କୁ ଅସଦାଚରଣ ଅଭିଯୋଗ; ଯୁବକ ଗିରଫ

**ବ୍ରହ୍ମପୁର, ୧୦ ।୨(ସମିସ):** ଜୈନିକା ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ବାଲିପଡ଼ା ଗ୍ରାମର ଜିତେନ୍ଦ୍ର ବିଷୋୟୀ(୨୧) । ସୂଚନାଯୋଗ୍ୟ ଯେ, ସଦର ଥାନା ଟିକିରପଡ଼ା ଗ୍ରାମର ଜୈନିକା ମହିଳା(୪୯) ଘରେ ଏକା ଥିବା ବେଳେ ଗତ ୯ତାରିଖ ସକାଳେ ଜିତେନ୍ଦ୍ର ତାଙ୍କ ଘରକୁ ଆସି କୌଣସି କାରଣକୁ ନେଇ ଗାଳି ଗୁଲଜ କରିଥିଲେ । ଏପରିକି ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହ ଅସଦାଚରଣ କରିଥିଲେ । ଏନେଇ ମହିଳା ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଉକ୍ତ ଅଭିଯୋଗକୁ ଆଧାର କରି ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ ଗିରଫ କରି ଶନିବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି ।

# କେ.ସି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଶୋକସଭା

**ବ୍ରହ୍ମପୁର, ୧୦ ।୨(ସମିସ):** ସ୍ଥାନୀୟ ଗୋଷାଣିନୂଆଗାଁ ସ୍ଥିତ କେ.ସି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଶନିବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଖଲ୍ଲିକୋଟ ରାଣୀ ତଥା ଉକ୍ତ ଅଞ୍ଚଳର ପୂର୍ବତନ ବିଧାୟିକା ଭି. ସୁଜ୍ଞାନୀ କୁମାରୀ ଦେଓଙ୍କ ବିୟୋଗରେ ଏହି ଶୋକସଭା ଅନୁଷ୍ଠିତ ହୋଇଥିଲା । ତାଙ୍କ ବିୟୋଗରେ ଏକ ସ୍ମୃତିସଭାର ଆୟୋଜନ କରାଯାଇ ସ୍ୱର୍ଗତ ଆତ୍ମାର ସଦଗତି କାମନା କରାଯିବା ସହ ସ୍ମୃତିଚାରଣ କରାଯାଇଥିଲା । ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁ ପାଣିଗ୍ରାହୀ ସ୍ୱର୍ଗତା ଶ୍ରୀମତୀ ଦେଓଙ୍କ ଜୀବନୀ ଓ ରାଜପରିବାର ପକ୍ଷରୁ ବିଦ୍ୟାଳୟ ପ୍ରତି ଥିବା ଅବଦାନ ସମ୍ପର୍କରେ ବିଦ୍ୟାର୍ଥୀଙ୍କୁ ଆଲୋକପାତ କରିଥିଲେ । ପରେ ସମସ୍ତ ଛାତ୍ରୀ ଓ କର୍ମଚାରୀଙ୍କୁ ନେଇ ୨ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ ଭି. ସୁଜ୍ଞାନୀ କୁମାରୀ ଦେଓଙ୍କ ବିୟୋଗରେ ବିଦ୍ୟାଳୟ ପକ୍ଷରୁ ଶନିବାର ଛୁଟି ଘୋଷଣା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମାମି ସାହୁ, ଅବସରପ୍ରାପ୍ତ କ୍ରୀଡ଼ାଶିକ୍ଷକ କେଦାରନାଥ ଚୌଧୁରୀ ଓ ନର୍ମଦା ରାଉତଙ୍କ ସମତେ ବିଇଡି ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି

**ବ୍ରହ୍ମପୁର, ୧୦ ।୨(ସମିସ):** ସ୍ଥାନୀୟ ଗୁଡସେଡ ରୋଡ ଠାରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ୩ଜଣ ଦୁର୍ବୃତ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ପଶି ପାଣି ପାଇପ ସଂଯୋଗ ପାଇଁ ଉଦ୍ଦିଷ୍ଟ ସେଟକୁ ଚୋରି କରି ନେଇଯାଇଛନ୍ତି । ଏନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. କୁମୁଦ ଚନ୍ଦ୍ର ଦାସ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି । ପାଣି ପାଇପ ସେଟ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ରଖାଯାଇଥିବା ବେଳେ ଦୁର୍ବୃତ୍ତମାନେ ଭିତରକୁ ପଶି ତାହାକୁ ଚୋରି କରି ନେଇଯାଇଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ଜଗନ୍ନାଥ ବିହାର ବୋମାମାଡ଼ ଘଟଣା: ୮ ଗିରଫ

## ପୁରୁଣା ମାମଲାକୁ ନେଇ ଆଲୋଚନା ବେଳେ ଗଣ୍ଡଗୋଳ

## ୪ ଖଣ୍ଡା, ୪ ବୋମା ଜବତ; ୩ ଗଲେ ବାଳସୁଧାର ଗୃହ

**ବ୍ରହ୍ମପୁର, ୧୦ ।୨(ସମିସ)**

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଶ୍ରୀରାମ ନଗର ନିକଟ ଜଗନ୍ନାଥ ବିହାର ୪ର୍ଥ ଲାଇନରେ ରୋହିତ ମାଝୀ ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ ସହ ବୋମାମାଡ଼ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଅନ୍ୟପକ୍ଷରେ ମୁକେଶ ସମେତ ଅନ୍ୟ ୩ଜଣକୁ ନାବାଳକଙ୍କୁ ରୋହିତ ଆକ୍ରମଣ କରିଥିବା ନେଇ ଥାନାରେ ପାଲଟା ଅଭିଯୋଗ ହୋଇଥିଲା । ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ପୃଥକ ଦୁଇଟି ମାମଲା ରୁଜୁ କରିଥିଲା । ଉଭୟ ଘଟଣାରେ ପୁଲିସ ତଦନ୍ତ କରି ଉଭୟ ପକ୍ଷର ୮ ଜଣଙ୍କୁ କାବୁ କରିଛି । ସେମାନେ ମଧ୍ୟରେ ୩ଜଣ ନାବାଳକ ଥିବା ଜଣାପଡ଼ିଛି । ଗିରଫ ଅନ୍ୟ ୫ଅଭିଯୁକ୍ତ ହେଲେ ଜଗନ୍ନାଥ ବିହାର ୪ର୍ଥ ଲାଇନର ରୋହିତ ମାଝୀ ଓରଫ ସୁବାଶିଷ(୩୦), ଜଗନ୍ନାଥ ବିହାର ଷଷ୍ଠ ଲାଇନର ଅନିଲ କୁମାର ନାହାକ(୨୩), ଦିଗପହଣ୍ଡି ଥାନା ଅନ୍ତର୍ଗତ ଚାଞ୍ଚଡାପଲ୍ଲୀ ଗ୍ରାମର ରାକେଶ ନାହାକ ଓରଫ ଇଲିଆନା (୧୮), ଭଞ୍ଜନଗର ଥାନା ଅନ୍ତର୍ଗତ ଲଣ୍ଡେଇସାହିର ଚିକୁନ ପ୍ରଧାନ (୨୧) ଓ ଅନ୍ୟଗୋଷ୍ଠିର ଜଗନ୍ନାଥ ବିହାର ତୃତୀୟ ଲାଇନର ମହେଶ ରାଉତ ଅରଫ ଗେଲୁ(୧୮) । ମହେଶଙ୍କ ଗୋଷ୍ଠୀର ଅନ୍ୟ ୩ଜଣ ନାବାଳକ ବୋଲି ପୁଲିସ ତଦନ୍ତରେ ଜଣାପଡ଼ିଥିଲା । ଉକ୍ତ ନାବାଳକଙ୍କୁ ପୁଲିସ ଜେଜେବିରେ ହାଜର କରିବା ପରେ ବାଳ ସୁଧାର ଗୃହକୁ ପଠାଇଛି । ପୁଲିସ ଅଭିଯୁକ୍ତଙ୍କ ଠାରୁ ଖଣ୍ଡା ଓ ବୋମା ଜବତ କରିଛି । ସୂଚନାଯୋଗ୍ୟ ଯେ, ଗତ ଗୁରୁବାର ରାତିରେ ଜଗନ୍ନାଥ ବିହାର ଅଞ୍ଚଳରେ ରୋହିତ ଓ ମହେଶ ନିଜ ସହଯୋଗୀଙ୍କ ସହ ଏକ ପୁରୁଣା ମାମଲାକୁ ନେଇ ଆଲୋଚନା କରୁଥିଲେ । ଉକ୍ତ ମାମଲାରେ ଉଭୟଙ୍କ ମଧ୍ୟରେ ଶତ୍ରୁତା ରହିଥିଲା । ତେବେ ଗୁରୁବାର ରାତିରେ କୌଣସି ଏକ କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ମହେଶ ଓ ତାର ସହଯୋଗୀମାନେ ରୋହିତ ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିବା ସହ ବୋମାମାଡ଼ କରିଥିଲେ । ସେହିପରି ରୋହିତ, ମହେଶ ଓ ତାଙ୍କ ସହଯୋଗୀଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଏନେଇ ଥାନାରେ ଉଭୟଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଆଧାର କରି ପୁଲିସ ଘଟଣାର ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ଘଟଣାର ତଦନ୍ତ ଜାରି ରହିଛି । ଯାହାର ସମ୍ପୃକ୍ତି ଜଣାପଡ଼ିବ ତାକୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ପାଳିତ

**ବ୍ରହ୍ମପୁର, ୧୦ ।୨(ସମିସ):** ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁକୁଡାଖଣ୍ଡି ସରକାରୀ ନୋଡାଲ ହାଇସ୍କୁଲରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି । ଏଥିରେ ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯକ୍ରମକୁ ଶୁଭାରମ୍ଭ କରିଥିଲେ । ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ଭି ସରୋଜିନୀ ଦେବୀ, ଡିଏମଆରସିଏଚ ଶକ୍ତି ଦିଗାଲ, ଜିଲା ଟିକା କେନ୍ଦ୍ର ପରିଚାଳକ ସ୍ମୃତିବର୍ଦ୍ଧନ ଦାସ, କୁକୁଡାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅତିଥିଭାବେ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମ ଜରିଆରେ ସ୍କୁଲରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆଲବେଣ୍ଡାଜୋଲ ବଟିକା ଖାଇବାକୁ ଦିଆଯାଇଥିଲା । ଏହା ସହ ଜିଲ୍ଲାରେ ଥିବା ୩୭୯୨ଟି ବିଦ୍ୟାଳୟ ଏବଂ ୪୯୧୬ଟି ଅଙ୍ଗନବାଡି କେନ୍ଦ୍ରରେ ୧ରୁ ୧୯ ବର୍ଷର ଶିଶୁଙ୍କୁ ଏହି ବଟିକା ଖାଇବାକୁ ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ଏହି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଜିଲ୍ଲାର ସମସ୍ତ ଏଏନଏମ, ଆଶା କର୍ମୀ, ଅଙ୍ଗନବାଡି କର୍ମୀ ଓ ଶିକ୍ଷକଙ୍କୁ ସାମିଲ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଓ କର୍ମୀ ଉପସ୍ଥିତ ଥିଲେ ।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଟିକାବାଲି ନଗର ସମ୍ମିଳନୀ



ଟିକାବାଲି, ୧୦।୨ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କନ୍ଧମାଳ ଜିଲ୍ଲା ଟିକାବାଲି ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କୁମାର କହଁର, ନଗର ସଭାପତି ସନ୍ତୋଷ କୁମାର ଦଳବେହେରା, ରାଜ୍ୟ ସହ ସମ୍ପାଦିକା ସଞ୍ଜନା କହଁର, ଗଞ୍ଜାମ ବିଭାଗ ସହ ସଂଯୋଗ ରୁଦ୍ର ପ୍ରସାଦ ସେଠୀ ଉପସ୍ଥିତ ଥିଲେ । ସମ୍ମିଳନୀରେ ଶିକ୍ଷା ବର୍ଷ ୨୦୨୩/୨୪ ପାଇଁ ନୂତନ କାର୍ଯ୍ୟକାରୀ ପରିଚାଳନା କମିଟି ଘୋଷଣା କରାଯାଇଛି । ନଗର ସମ୍ପାଦିକା ଭାବେ ଶୁଭଶ୍ରୀ ବେହେରା, ନଗର ସହସମ୍ପାଦକ ଆଶୁତୋଷ ବେହେରା ଓ ଅନ୍ୟାନ୍ୟ ବିଭାଗରେ ବିକାଶ କହଁର, ଅଙ୍କିତି ମଲିକ, ସନପ୍ରିୟା ଡିଗାଲ, ସୁକେନ ନାରାୟଣ ବେହେରା, ସୁନେଖ ଭୋଇ, ଅର୍ପଣ ମଲ୍ଲିକ, ଚିକୁନ ପ୍ରଧାନ, ପୁନମ ଡିଗାଲ, ସୁପ୍ରିୟା କହଁର, ରୁବିନା ପ୍ରଧାନ, ଶୁଭ୍ରାଂଶୁ ବେହେରା, ଆଲୋକ ମାଝୀ, ରୋଶନ ଡିଗାଲ, ସୁରଜ ପ୍ରଧାନ, ଭାଗ୍ୟଶ୍ରୀ ମଲ୍ଲିକଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ରାଷ୍ଟ୍ର ନିର୍ମାଣରେ ଯୁବ ସମାଜର ଭୂମିକା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।

## ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଜି.ଉଦୟଗିରି, ୧୦।୨ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରିର ନୂତନ ଥାନା ଅଧିକାରୀ ଭାବେ ଭଗବାନ ପୂଜାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ଅବସ୍ଥାପିତ ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁଙ୍କୁ ଇତି ମଧ୍ୟରେ ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅଧିକାରୀ ଭାବେ ବଦଳି ହୋଇଥିବା ଜଣାପଡ଼ିଛି । ଶ୍ରୀ ପୂଜାରୀ ଏହା ପୂର୍ବରୁ ଭଞ୍ଜନଗର ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ ।



ଜି.ଉଦୟଗିରିରେ ଥିବା ଟ୍ରାଫିକ ସମସ୍ୟା ତଥା ଅପରାଧ ରୋକାଯିବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହ ସହରର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

### ଖାଉଟି ସଚେତନତା କାର୍ଯ୍ୟକ୍ରମ

## ବିଜ୍ଞାପନରେ ପ୍ରଭାବିତ ନ ହୋଇ ଜିନିଷ କ୍ରୟ କରିବାକୁ ଆହ୍ୱାନ

ଫୁଲବାଣୀ, ୧୦।୨(ସମିସ): କନ୍ଧମାଳ ଜିଲ୍ଲା ବୈଧ ମାପ-ଓଜନ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କଲ୍ୟାଣୀ'ର ମିଳିତ ଆନୁକୂଲ୍ୟରେ ଦୁତିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଶନିବାର ଖାଉଟି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ଏନେଇ ଆୟୋଜିତ ସଭାରେ ଦୁତିପଡ଼ା ସରପଞ୍ଚ ଜାନକୀ ଜାନୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ବୈଧ ମାପ-ଓଜନ ବିଭାଗର ଉପନିୟନ୍ତ୍ରକ ରାଜେଶ କୁମାର ନାୟକ ଏବଂ ନିରୀକ୍ଷକ ବିକାଶ ଚନ୍ଦ୍ର ସାହୁ, ଦୁତିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ନିତୁ ରଣା, ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ସଂଯୋଜକ ସତ୍ୟବାନ ଦଳବେହେରା, କବିତା କର, କଲ୍ୟାଣୀ ଅନୁଷ୍ଠାନର ସମ୍ପାଦିକା ରାଜଲକ୍ଷ୍ମୀ ସାହୁ, ଦୁତିପଡ଼ା ପଞ୍ଚାୟତର ବସନ୍ତ ପ୍ରଧାନ ଓ ଗାନ୍ଧୀ ସାହୁ ଯୋଗ ଦେଇଥିଲେ । ବିଜ୍ଞାପନରେ ପ୍ରଭାବିତ ନହୋଇ ସଚେତନ ଖାଉଟି ହିସାବରେ ଜିନିଷ କ୍ରୟ କରିବା ସହିତ ଆମର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଜାଣିବା ଆବଶ୍ୟକ । ଗର୍ଭସ୍ଥ ଶିଶୁ ଠାରୁ ଆରମ୍ଭ କରି ଶ୍ମଶାନର ଶବ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବାରେ ଉପଭୋକ୍ତା ସୁରକ୍ଷା ଆଇନ କିପରି ସହାୟକ ହୋଇପାରୁଛି ସେ ସମ୍ପର୍କରେ ଅତିଥି ଆଲୋଚନା କରିଥିଲେ । ଅସାଧୁ ବ୍ୟବସାୟୀ କିପରି ମାପ ଓ ଓଜନରେ ନିରୀହ ଖାଉଟିଙ୍କୁ ମିଛ ବିଜ୍ଞାପନ ମାଧ୍ୟମରେ ଶୋଷଣ କରନ୍ତି ସେ ବିଷୟରେ ଅବଗତ କରିବା ସହିତ ଇଲେକ୍ଟ୍ରୋନିକ୍ସ ଏବଂ ଦଣ୍ଡି-ବଟକରା ମାଧ୍ୟମରେ ଗ୍ୟାସ୍ ସିଲିଣ୍ଡର, ପେଟ୍ରୋଲ୍, ଡିଜେଲ୍, ଖାଦ୍ୟ ସାମଗ୍ରୀ ଏବଂ ସୁନା-ରୁପା ଭଳି ମୁଲ୍ୟବାନ୍ ସାମଗ୍ରୀ କିଣିବା ବେଳେ କେଉଁ ପ୍ରକାର ସତର୍କତା ଅବଲମ୍ବନ କଲେ ନିଶ୍ଚିତ କ୍ଷତିରୁ ରକ୍ଷାପାଇ ପାରିବେ ସେ ବିଷୟରେ ସୁନ୍ଦର ଭାବେ ବୁଝାଇଥିଲେ । ଭାରତ ସରକାରଙ୍କ ଖାଉଟି ସୁରକ୍ଷା ଆଇନ କିପରି ଅସାଧୁ ଉତ୍ପାଦନକାରୀ ଓ ବ୍ୟବସାୟୀଙ୍କ ଲାଭଖୋର ମନୋଭାବ ଓ ନିକୃଷ୍ଟ ମାନର ଦ୍ରବ୍ୟ କିମ୍ବା ସେବା ଯୋଗାଣ ଦ୍ୱାରା କ୍ଷତିଗ୍ରସ୍ତ ଖାଉଟିଙ୍କୁ ସୁରକ୍ଷା ଦେଉଛି ସେ ବିଷୟରେ ବୁଝାଇଥିଲେ । କଲ୍ୟାଣୀ ସଂସ୍ଥାର ସମ୍ପାଦିକା ଶ୍ରୀମତୀ ସାହୁ ଜିଲ୍ଲା ସ୍ତରରେ ଗଠିତ ହୋଇଥିବା ଖାଉଟି ବିବାଦ ପ୍ରତିକାର ମଞ୍ଚ, ରାଜ୍ୟ ସ୍ତରରେ ରାଜ୍ୟ ଖାଉଟି ବିବାଦ ପ୍ରତିକାର ଆୟୋଗ ଓ ଜାତୀୟ ସ୍ତରରେ ଜାତୀୟ କମିଶନର କାର୍ଯ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ । ଶ୍ରୀମତୀ ସାହୁ ସଭା ପରିଚାଳନା ଓ ବସନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ବୃଦ୍ଧା ସରୋଜନୀଙ୍କ ହତ୍ୟା ଘଟଣା

# ହତ୍ୟାକାଣ୍ଡରେ ଏକାଧିକ ସମ୍ପୃକ୍ତ

ବ୍ରହ୍ମପୁର/ପାରଳାଖେମୁଣ୍ଡି, ୧୦।୨(ସମିସ):




ପାରଳାଖେମୁଣ୍ଡି କରଣ ସାହିରେ ବୃଦ୍ଧା ସରୋଜନୀ ପଟ୍ଟନାୟକଙ୍କ ହତ୍ୟା ଘଟଣାକୁ ଇତି ମଧ୍ୟରେ ୩ ସପ୍ତାହ ବିତିଯାଇଛି । ତଥାପି ହତ୍ୟାକାରୀଙ୍କୁ ଗିରଫ କରାଯିବା ତ ଦୂରର କଥା ସେମାନଙ୍କ ସମ୍ପର୍କରେ ସୁରାକ ପାଇପାରିନାହିଁ ପୁଲିସ । ତେବେ ବିଭିନ୍ନ ଦିଗକୁ ନେଇ ପୁଲିସ ପକ୍ଷରୁ ଚାଲିଥିବା ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛିୟ ଏବଂ ଖୁବ୍‌ଶୀଘ୍ର ପୁଲିସ ହତ୍ୟାର ରହସ୍ୟ ଉନ୍ମୋଚନ କରିବା ସହ ହତ୍ୟାକାରୀଙ୍କୁ ଗିରଫ କରିବ ବୋଲି ଜଣାପଡ଼ିଛି । ସୂଚନା ଯୋଗ୍ୟ ଯେ ଗତ ଜାନୁଆରୀ ୨୦ତାରିଖରେ କରଣସାହିରେ ଏକାକୀ ରହୁଥିବା ସରୋଜନୀ ପଟ୍ଟନାୟକ(୭୦)ଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିଲା । ତଦନ୍ତ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା । ହତ୍ୟାକାରୀୟ ଲୁଟ କରିବା ଉଦ୍ଦେଶ୍ୟରେ ଘରେ ପଶିଥିବା ବେଳେ ସରୋଜନୀଙ୍କ ନଜରରେ ପଡ଼ିଯାଇଥିଲେ ଏବଂ ଧରାପଡ଼ିଯିବା ଭୟରେ ସେମାନେ ସରୋଜନୀଙ୍କୁ ତକିଆରେ ଚାପି ଅଣନିଶ୍ୱାସୀ କରି ହତ୍ୟା କରିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ପ୍ରାୟତଃ ସ୍ପଷ୍ଟ ହୋଇଛି । ଏହି ଲୁଟ ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବାବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ରାଜ୍ୟ ବାହାରର ଅପରାଧି ଏହି କାଣ୍ଡ ଭିଆଇଥିବା ପୁଲିସ ସନ୍ଦେହ କରୁଛି । ଘଟଣାରେ ଅପରାଧୀ ସନ୍ଧାନୀ କୁକୁରକୁ ଚକମା ଦେବାକୁ ଯାଇ ସରୋଜନୀଙ୍କ ଘର ତମାମ୍ ଲଙ୍କାଗୁଣ୍ଡ ବିଛାଇ ଦେଇଥିଲେ । ଯାହା ଏକ ପୋଖତ ଚୋର ଗ୍ୟାଙ୍ଗର କାମ ବୋଲି ମଧ୍ୟ ସୁରାକ ଦେଇଛି । ପାରଳାଖେମୁଣ୍ଡି ସହର ସବୁବେଳେ ଶାନ୍ତ । ଏଠାରେ ଚୋରି ଓ ଜମିଜମା ଗଣ୍ଡଗୋଳକୁ ବାଦ ଦେଲେ ଅନ୍ୟ କୌଣସି ଅପରାଧୀକ କାର୍ଯ୍ୟକଳାପ

- ରାଜ୍ୟ ବାହାରର ଅପରାଧୀ ଭିଆଇଛନ୍ତି ହତ୍ୟାକାଣ୍ଡ!
- ଲୁଟ୍ ପରେ ଧରାପଡ଼ିବା ଭୟରେ ବୃଦ୍ଧାଙ୍କୁ ହତ୍ୟା
- ଅଣନିଶ୍ୱାସୀ ହୋଇ ମୃତ୍ୟୁ ଘଟିଛି: ବ୍ୟବଚ୍ଛେଦ ରିପୋର୍ଟ

ପ୍ରାୟତଃ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ପୂର୍ବରୁ ୨୨ଟି ଚୋରି ଘଟଣା ଥାନାରେ ପେଣ୍ଡିଂ ଥିବାବେଳେ ଇତି ମଧ୍ୟରେ ଆଉକିଛି ଚୋରି ମାମଲା ଏହି ତାଲିକାରେ ସାମିଲ ହୋଇଛି । ତେବେ ଏହି ହତ୍ୟା କେବଳ ଲୁଟ ଉଦ୍ଦେଶ୍ୟରେ ଆସିଥିବା ଅପରାଧୀ ଧରାପଡ଼ିବା ଭୟରେ କରିଥିବା ଜଣାପଡ଼ିଛି । ପାରଳାଖେମୁଣ୍ଡି ସହରକୁ ମେମୁ ଟ୍ରେନ ଯିବା ପରଠାରୁ ଚୋରି ଘଟଣା ବଢ଼ିଥିବା ଅନୁମାନ କରାଯାଇଛି । ଏହି ଟ୍ରେନ ରାତିରେ ପହଁଞ୍ଚି ପୁଣି ଭୋର ସମୟରେ ସେଠାରୁ ବାହାରୁଛି । ଯାହାର ସୁଯୋଗ ନେଇଁ ବାହାରର କିଛି ଅପରାଧୀ ଏଭଳି କାଣ୍ଡ ଭିଆଇ ପୁଣି ଫେରାର ହେଉଯାଉଥିବା ସନ୍ଦେହ ଘନୀଭୂତ ହୋଇଛି । ସରୋଜନୀ ହତ୍ୟା ସ୍ଥଳରେ କିମ୍ବା ଆଖପାଖ ଅଞ୍ଚଳରେ ସିସିଟିଭି ଲାଗି ନ ଥିବା ବେଳେ ବାହାରର ଅପରାଧୀଙ୍କୁ ଧରିବା ପୁଲିସ ପକ୍ଷେ କଷ୍ଟକର ବ୍ୟାପାର । ତଥାପି ବାହାରର ଅପରାଧୀ ନିଶ୍ଚିତ ଭାବେ ସ୍ଥାନୀୟ ଲୋକଙ୍କ ସହାୟତାରେ ଏଭଳି ସାହାସ କରିଥିବା ଅନୁମାନ କରାଯାଉଛି । ଏଣୁ ବିଭିନ୍ନ ଦିଗକୁ ନେଇ ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ସନ୍ଦେହ ଘେରରେ ଥିବା କିଛି ବ୍ୟକ୍ତିଙ୍କ ମୋବାଇଲ ଫୋନକୁ ଟ୍ରାକିଂ କରି ଅପରାଧୀଙ୍କ ନିକଟରେ ପହଁଞ୍ଚିବାକୁ ଚେଷ୍ଟା କରୁଛି । ଏବଂ ଏଥିରେ ଖୁବ୍‌ଶୀଘ୍ର ସଫଳତା ମିଳିବ ବୋଲି ପୁଲିସ ଆଶାବାଦୀ ଥିବା ଜଣାପଡ଼ିଛି ।

## ଚାନ୍ଦିପୁଟ ଡିଗ୍ରୀ କଲେଜ୍‌କୁ ମିଳିଲା 'ନାକ୍' ମାନ୍ୟତା




ମୋହନା, ୧୦।୨(ସମିସ): ଗଜପତି ଜିଲ୍ଲା ମୋହନା ବ୍ଲକ ଚାନ୍ଦିପୁଟ ସ୍ଥିତ ଇନ୍ଦିରାମେମୋରିଆଲଡିଗ୍ରୀକଲେଜକୁ ମିଳିଛି 'ନାକ' ମାନ୍ୟତା । ଗତ ମାସ ୨୪ ଓ ୨୫ ଦୁଇ ଦିନ ଧରି ନାକର ଏକ ଟିମ କଲେଜ ପରିଦର୍ଶନ କରିବା ସହ ବିଭିନ୍ନ ବିଷୟରେ ତଥ୍ୟ ସଂଗ୍ରହ କରିଥିଲେ । କଲେଜର ଅନୁସଙ୍ଗିକ ସୁବିଧା ସହ ଅଧ୍ୟାପନା ଭିତ୍ତିଭୂମି ଆଦି ଅନୁଧ୍ୟାନ ପରେ ସି ଗ୍ରେଡ୍ ମାନ୍ୟତା ଦେଇଛି ନାକ ଟିମ । କଲେଜକୁ ନାକ ମାନ୍ୟତା ମିଳିବା ପରେ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, ପରିଚାଳନା ସମିତି ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଗଜପତି ଜିଲ୍ଲାର ପ୍ରଥମ ବେସରକାରୀ କଲେଜ ଭାବେ ଚାନ୍ଦିପୁଟ କଲେଜକୁ ନାକ ମାନ୍ୟତା ମିଳିଛି । ଏଥିପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଓ ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଶୁଭେଚ୍ଛା ଜଣାଇଛନ୍ତି । ନାକ ମାନ୍ୟତା ପାଇବା ଦ୍ୱାରା ଆଗାମୀ ଦିନରେ କଲେଜର ଅନେକ ଉନ୍ନତି ହେବା ସହ ଭିତ୍ତିଭୂମିର ବିକାଶ ହୋଇପାରିବ ବୋଲି କଲେଜ ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ କହିଛନ୍ତି ।

## 'ଭାରତ ବନ୍ଦ' ସଫଳ କରିବାକୁ ଆହ୍ୱାନ

ପାରଳାଖେମୁଣ୍ଡି, ୧୦।୨(ସମିସ): ସର୍ବଭାରତୀୟ ସ୍ତରରେ କୃଷକ ସଙ୍ଗଠନଙ୍କ ମିଳିତ ମଞ୍ଚ, ସଂଯୁକ୍ତ କିଶାନ୍ ମୋର୍ଚ୍ଚା ଓ ସର୍ବଭାରତୀୟ ଶ୍ରମିକ ସଂଗଠନ ପକ୍ଷରୁ ଆସନ୍ତା ୧୬ ତାରିଖ ଦିନ ସର୍ବଭାରତୀୟ ଧର୍ମଘଟ ଓ ଗ୍ରାମୀଣ ଭାରତ ବନ୍ଦ ଡାକରା ଦିଆଯାଇଛି । ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଜିଲ୍ଲାର ସମସ୍ତ ଦୋକାନବଜାର, ଜରୁରୀକାଳୀନ ସେବାରେ ନିୟୋଜିତ ଗାଡ଼ି ବ୍ୟତୀତ ସାଧାରଣ ଯାତାୟାତ କରୁଥିବା



ତିନି ଚକିଆରୁ ଅଧିକ ସମସ୍ତ ଯାନବାହନ ଚଳାଚଳ ବନ୍ଦ ରହିବ । ଏଥିସହ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ଉକ୍ତ ଦିନ ବନ୍ଦ ରଖିବାକୁ ଏକ ସାମ୍ବାଦିକ ସମ୍ମିଳନୀରେ ସଂଯୁକ୍ତ କିଶାନ ମୋର୍ଚ୍ଚା ଗଜପତି ଶାଖାର ସମ୍ପାଦକ କେଦାର ଶବର ଆହ୍ୱାନ ଦେଇଛନ୍ତି । କେନ୍ଦ୍ର ସରକାର ଆଣିଥିବା ଶ୍ରମିକ ବିରୋଧୀ ତଥା କର୍ପୋରେଟ ସପକ୍ଷବାଦୀ ଚାରୋଟି ଶ୍ରମକୋଡ ବାତିଲ କରିବା, ରାଷ୍ଟ୍ରାୟତ ଶିଳ୍ପ ଓ ସେବା ସଂସ୍ଥାର ଘରୋଇକରଣ ବନ୍ଦ, ରୋଜଗାରକୁ ମୌଳିକ ଅଧିକାର ଘୋଷଣା, ସ୍ୱାମୀନାଥନ କମିଶନଙ୍କ ସୁପାରିଶ କ୍ରମେ କୃଷକଙ୍କ ଉତ୍ପାଦିତ ସମସ୍ତ ଫସଲର ସର୍ବନିମ୍ନ ସହାୟକ ଦର ଏମଏସପି, ଧାର୍ଯ୍ୟ କରି ଆଇନଗତ ମାନ୍ୟତା ଦେବା, ବିଦ୍ୟୁତ ବିଲ୨୦୨୨ କୁ ପ୍ରତ୍ୟାହାର, ମନରେଗାରେ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ୬୦୦ ଟଙ୍କାକୁ ବୃଦ୍ଧି କରିବା ଆଦି ଗୁରୁତ୍ୱପୂର୍ଣ୍ଣ ଦାବି ନେଇ ଭାରତ ବନ୍ଦ ଆନ୍ଦୋଳନ ଡ଼ାକରା ଦିଆଯାଇଛି ବୋଲି ମିଳିତ ସଂଗଠନ ପକ୍ଷରୁ କୁହାଯାଇଛି ।

## ଜିଲ୍ଲାସ୍ତରୀୟ କୃମି ନାଶକ ଦିବସ

ପାରଳାଖେମୁଣ୍ଡି, ୧୦।୨ (ସମିସ): ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଗଜପତି ତରଫରୁ ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ ଉଦଘାଟିତ ହୋଇଛି । ମୁଖ୍ୟଅତିଥିରୂପେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ପାତ୍ର, ଏଡିପିଏମ୍‌ଓ ଡା. ମହେନ୍ଦ୍ର ଭୂୟାଁ, ଡିପିଏମ୍ ସୌମ୍ୟାରାଣୀ ଗୌଡ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି କୃମି ରୋଗ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । କାର୍ଯ୍ୟକ୍ରମ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ନେତ୍ରାନନ୍ଦ ଶତପଥୀଙ୍କ ସଂଯୋଜନାରେ ହୋଇଥିବା ବେଳେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ଓ ଅନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ସମ୍ପାଦିତ ହୋଇଥିଲା ।

## ୨୮୦ ଶ୍ରଦ୍ଧାଳୁ ପୁରୀ ଶ୍ରୀମନ୍ଦିର ପରିକ୍ରମା ବୁଲି ଦେଖିଲେ

ବାଲିଗୁଡା, ୧୦।୨ (ସମିସ): କନ୍ଧମାଳ ଜିଲ୍ଲାର ବାଲିଗୁଡା ବ୍ଲକ ଅନ୍ତର୍ଗତ ୧୪ ପଞ୍ଚାୟତର୨୮୦ ଜଣ ଶ୍ରଦ୍ଧାଳୁ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ପରିଦର୍ଶନ କରିଛନ୍ତି । ଗତ ମାସ ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଐତିହାସିକ ପରିକ୍ରମା ପ୍ରକଳ୍ପର ଉଦଘାଟନ ହେଇଥିବା ବେଳେ କନ୍ଧମାଳ ଜିଲ୍ଲାରୁ ଶ୍ରଦ୍ଧାଳୁ ଭକ୍ତିରେ ଗୁଆ, ଅରୁଆ ଚାଉଳ ସଂକଳ୍ପ ପୂର୍ବକ ପଠାଇଥିଲେ । ବାଲିଗୁଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଚ୍ୟୁତାନନ୍ଦ ଜାନିଙ୍କ ଅଧ୍ୟକ୍ଷତାରେ ପୂର୍ବ ପ୍ରସ୍ତୁତି କ୍ରମେ ପୁରୀ ଅଭିମୁଖେ ଶ୍ରଦ୍ଧାଳୁ ବୁଲି ବାହାରିଥିଲେ । ଯିବା ସମୟରେ ବାଲିଗୁଡ଼ା ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଜିଲ୍ଲା ପରିଷଦ ନନ୍ଦିନୀ ମଲିକ, ବ୍ଲକ ଅଧ୍ୟକ୍ଷ ମିଶାବତୀ ମଲିକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବାଲିଗୁଡା ବ୍ଲକର ୧୪ ପଞ୍ଚାୟତରୁ ଗୋଟିଏ ପଞ୍ଚାୟତରୁ ୨୦ ଜଣ ହିସାବରେ ଭକ୍ତଙ୍କୁ ବସରେ ନିଆଯାଇଥିଲା । ବାଲିଗୁଡା ବ୍ଲକରୁ ପୁରୀ ବୁଲିବାକୁ ଯାଇଥିବା ସମସ୍ତ ଶ୍ରଦ୍ଧାଳୁ ମୁଖ୍ୟମନ୍ତ୍ରୀ ଏବଂ ବ୍ଲକ ପ୍ରଶାସନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



## ଆମ୍ ସୁରକ୍ଷା ଶିବିର ଉଦଯାପିତ



ରାୟଗଡ଼, ୧୦।୨ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସେବକପୁର ସ୍ଥିତ ପର୍ଶୁରାମ ଗୁରୁକୁଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ଆମ୍ ସୁରକ୍ଷା ଶିବିର ଉଦଯାପିତ ହୋଇଛି । ଉଦଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଅମ୍ବିକା ଦେବୀ ଯୋଗ ଦେଇଥିଲେ । ଅଧ୍ୟାପିକା ଏସ. ଗୀତାଞ୍ଜଳିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଅଧ୍ୟକ୍ଷ ଶଶୀକାନ୍ତ ମହାପାତ୍ର, ଅଧ୍ୟାପିକା ସ୍ମିତା ଗୌଡ଼ ଓ ମୋହନ ପ୍ରଧାନ ଯୋଗ ଦେଇଥିଲେ । ଝିଅମାନେ ଆମ୍ ବିଶ୍ୱାସୀ, ସାହସୀ ଏବଂ ଧୈର୍ଯ୍ୟବାନ ହେବା ପାଇଁ ପରାମର୍ଶ ଦିଆଯାଇଥିଲା । ଆଠ ଦିନ ଧରି ଚାଲିଥିବା ତାଲିମ୍ ଶିବିରରେ ୧୪୪ ଜଣ ଛାତ୍ରୀ ଯୋଗଦେଇଥିଲେ ।

### ସୁଧୁରୁନି ଆର୍ଥିକ ଅବସ୍ଥା

# ବିନ୍ସ ଚାଷ ପ୍ରତି ଚାଷୀ ବିମୁଖ

ଜି.ଉଦୟଗିରି, ୧୦।୨(ସମିସ):



**ପାଣିପାଗ ସାଜୁଛି ବାଧକ**

ପୁଷ୍ଟିକର, ସ୍ୱାଦିଷ୍ଟ ଓ ଭିଟାମିନରେ ଭରପୁର ଯୋଗୁଁ ବଜାରରେ ରାଇକିଆ ବିନ୍ସର ଚାହିଦା ସବୁବେଳେ ରହିଛି । ଏହା ଆଇରନ, ଭିଟାମିନ ଏ, ସି, ଡି ସହିତ ଫୋଲିକ ଏସିଡ ଏବଂ କ୍ୟାଲସିୟମର ଭଲ ସ୍ରୋତ । ଏହା ସହିତ ଏହା ଫାଇବରରେ ଭରପୂର । ଏଥିପାଇଁ ସବୁବେଳେ ଏହି ପରିବାର ଚାହିଦା ରହିଥିବା ବେଳେ ଏବେ କିନ୍ତୁ ଚାଷ କମିବାରେ ଲାଗିଛି । ବିନ୍ସ ଚାଷ କରୁଥିବା ଚାଷୀ ଏବେ ବିମୁଖ । କାରଣ ହେଉଛି ଏହି ଚାଷରେ ସୁଧୁରୁନି ଆର୍ଥିକ ଅବସ୍ଥା । ଏଥିସହ ବିନ୍ସ ଚାଷ ପାଇଁ ଏବେ ପାଗ ଅନୁକୂଳ ହେଉ ନ ଥିବା କୁହାଯାଉଛି ।

ପାଣିପାଗ ଏହି ପରିବା ଚାଷରେ ପ୍ରତିବନ୍ଧକ ସାଜିଛି । ଲାଭ କମ ହେବା କାରଣରୁ ଯୁବପିଢ଼ି ଆଉ ବିନ୍ସ ଚାଷରେ ମନ ନ ଦେଇ ରୋଜଗାର ପାଇଁ ଅନ୍ୟ ରାଜ୍ୟ ମୁହାଁ ହେଉଛନ୍ତି । ବୟସ୍କ ଚାଷୀ କେବଳ ବିନ୍ସ ଚାଷ କରୁଛନ୍ତି । ବଜାର ବ୍ୟବସ୍ଥା ଠିକ ନଥିବା, ଜଳସେଚନ ବ୍ୟବସ୍ଥାର ଅଭାବ, ପଶୁପକ୍ଷୀଙ୍କ କବଳରୁ ଫସଲ ରକ୍ଷା କରିବାକୁ ଲୋକ ବଳର ଅଭାବ, ଚାଷୀଙ୍କୁ କର୍ତ୍ତୃପକ୍ଷ ଠିକରେ ଯୋଗାଇ ନ ଦେବା, ଶୀତଳଭଣ୍ଡାରର ଅଭାବ, ଚାଷ ପାଇଁ ଆବଶ୍ୟକ ହେଉଥିବା ତାଳପତ୍ରର ଅଭାବ ସହିତ ଉଚିତ କୃଷି ଭିତ୍ତିଭୂମିର ଅଭାବ ଯୋଗୁ ବିନ୍ସ ଚାଷ ପ୍ରତି ଆଗ୍ରହ କମି ଯାଉଥିବା କୁହାଯାଉଛି । ଏଭଳି ଅଭାବ ଅସୁବିଧା ଯୋଗୁଁ ଅଞ୍ଚଳରେ ବିନ୍ସ ଚାଷର ଭବିଷ୍ୟତ ପ୍ରତି ପ୍ରଶ୍ନ କରାଯାଉଛି ।

ଚାଷୀଙ୍କ ଆର୍ଥିକ ଅବସ୍ଥା ସୁଧାରିବାକୁ ହେଲେ ପାଣିପାଗ ଅନୁକୂଳ ହେବା ନିହାତି ଆବଶ୍ୟକ ବୋଲି ବରିଷ୍ଠ ଚାଷୀ କହିଛନ୍ତି । ଏଥିସହ ଯୁବପିଢ଼ିକୁ ଆକୃଷ୍ଟ କରି ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବା ସହିତ କୃଷି ଭିତ୍ତିଭୂମି ସୁଧାରିଲେ ପରିସ୍ଥିତିରେ ସୁଧାର ଆସିବ ବୋଲି ସମାଜସେବୀ ମହମ୍ମଦ ଜିଆଉଦିନ କହିଛନ୍ତି । ପାଣିପାଗ ଅନୁକୂଳ ହେଉ ନ ଥିବା ଯୋଗୁଁ ଚାଷୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଚାଷୀ ସନ୍ତୋଷ କୁମାର ନାୟକ କହିଛନ୍ତି ।

## ଗଜପତି ସାମ୍ବାଦିକ ସଂଘ କର୍ମକର୍ତ୍ତା ସମ୍ବର୍ଦ୍ଧିତ




ପାରଳାଖେମୁଣ୍ଡି, ୧୦।୨(ସମିସ): ରାଜ୍ୟ ସାମ୍ବାଦିକ ସଙ୍ଘ (ଏସୟୁଜେ)ର ବାର୍ଷିକ ସମ୍ମିଳନୀରେ ଗଜପତି ଜିଲ୍ଲା ଏସ୍‌ୟୁଜେ ଶାଖା ସଭାପତି ଓ ସାଧାରଣ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଭୁବନେଶ୍ୱର ଜୟଦେବ ଭବନରେ ଏସୟୁଜେର ବାର୍ଷିକ ଅଧିବେଶନ ଶୁକ୍ରବାର ରାଜ୍ୟ ସଭାପତି କୈଳାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟର ସମସ୍ତ ଜିଲ୍ଲାରୁ ୭ ଶହରୁ ଊର୍ଦ୍ଧ୍ୱ ସାମ୍ବାଦିକ ଏହି ଅଧିବେଶନରେ ଯୋଗ ଦେଇଥିଲେ । ସମାବେଶରେ ଆଇନ ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା ଓ ଶ୍ରମମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ ଅତିଥି ଭାବେ ଯୋଗ ଦେଇ ସମାବେଶକୁ ଉଦଘାଟନ କରିଥିଲେ । କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀ ପତି, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ମୋ କଲେଜର ଅଧ୍ୟକ୍ଷ ତଥା ସିନେ ତାରକା ଆକାଶ ଦାସ ନାୟକ, ଜାତୀୟ ସାମ୍ବାଦିକ ସଂଘର ଅଶୋକ ମଲିକ, ମହାସଚିବ ସୁରେଶ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମାଜ ଗଠନ ପାଇଁ ସାମ୍ବାଦିକଙ୍କ ସେବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିବା ସହ ସଠିକ ଖବର ପରିବେଷଣ ଉପରେ ସମସ୍ତ ସାମ୍ବାଦିକ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ କରିଥିଲେ । ଏହି ଅବସରରେ ଗଜପତି ଶାଖା ସଭାପତି ଗରୁଡ଼ଧ୍ୱଜ ଚୌଧୁରୀ ଏବଂ ସାଧାରଣ ସମ୍ପାଦକ ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ସ୍ୱରୂପ ଉପଢୌକନ ଓ ଟ୍ରଫି 'ମୋ କଲେଜ' ଅଧ୍ୟକ୍ଷ ପ୍ରଦାନ କରିଥିଲେ । ଏହି ଅଧିବେଶନରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଗ୍ରହଣ କରିଥିବା କିଛି ବ୍ୟକ୍ତି ବିଶେଷଙ୍କ ସହ ରାଜ୍ୟର ବହୁ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ‘୫-ଟି’ ଟିମ୍‌ର ଜାନିବିଲି ବ୍ୟାରେଜ ସ୍ଥାନ ପରିଦର୍ଶନ

**ଧରାକୋଟ,୧୦।୨(ସମିସ):** ଧରାକୋଟ ବ୍ଲକ ଅନ୍ତର୍ଗତ ନିକଟସ୍ଥ ଜାନିବିଲି ଠାରେ ନିର୍ମାଣ ହେବାକୁ ଯାଉଛି ୧୨୦ କୋଟି ଟଙ୍କା ବ୍ୟୟରେ ନୂତନ ବ୍ୟାରେଜ। ଜାନିବିଲିରେ ୧୮୯୧ରେ ବ୍ରିଟିଶ ମାନଙ୍କ ଦ୍ୱାରା ଏକ ଆନିକଟ ନିର୍ମାଣ କରାଯାଇଛି। ଯାହାକୁ ଇତିମଧ୍ୟରେ ୧୩୩ ବର୍ଷ ପୂରିଛି ଓ ଏହାର ଜୀବନ ସମୟସୀମା ଶେଷ ହୋଇଛି। ଋଷିକୁଲ୍ୟା ନଦୀ ଉପରେ ନିର୍ମିତ ହୋଇଥିବା ଆନିକଟ ଓ ଋଷିକୁଲ୍ୟା କେନାଲ ଗଞ୍ଜାମ ଜିଲ୍ଲାର ଲାଇଫ ଲାଇନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଜିଲ୍ଲାର ୫୩ ହଜାର ହେକ୍ଟର ଜମିକୁ ଏହା ଜଳ ଯୋଗାଇ ଆସୁଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ହେଉନାହିଁ। ଆଗାମୀ ଦିନରେ ଜିଲ୍ଲାର ପିଇବା ପାଣି ଓ ଜଳସେଚନ ବ୍ୟବସ୍ଥାର ସ୍ଥାୟୀ ପ୍ରତିକାର ପାଇଁ ଦୂର ଦୃଷ୍ଟିର ସହ ୫-ଟି ଉପକ୍ରମରେ ଏଠାରେ ୧୨୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନୂତନ ବ୍ୟାରେଜ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସାରିଥିବା ବେଳେ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ମଧ୍ୟ ଠିକା ସଂସ୍ଥା ତରଫରୁ ହୋଇସାରିଛି। ଜଳ ସଂରକ୍ଷଣ, ଜଳ ସେଚନ ସହ କୃଷକ ଓ କୃଷିର ଉନ୍ନତି ପାଇଁ ରାଜ୍ୟ ସରକାର ଏହି ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ଆସନ୍ତା ୧୪ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ଏହି ବ୍ୟାରେଜର ଶିଳାନ୍ୟାସ କରିବେ। ପୁରୁଣା ଆନିକଟ ଠାରୁ ୨୧୦ ମିଟର ନିମ୍ନ ପଟରେ ଏହି ନୂଆ ବ୍ୟାରେଜ ସରକାରଙ୍କ ଜଳସେଚନ ବିଭାଗ ତରଫରୁ ଭଞ୍ଜନଗର ଜଳସମ୍ପଦ ବିଭାଗ ଅଧିନରେ ନିର୍ମାଣ କରାଯିବ। ସମ୍ପ୍ରତି ୫-ଟି ତରଫରୁ ଏକ ତିନି ଜଣିଆ ଟିମସହ ଭଞ୍ଜନଗର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର ନାଥ ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ପଞ୍ଚୁ ବେହେରା ଓ ସହକାରୀ ଯନ୍ତ୍ରୀ ବିଜୟ କୁମାର ସାହୁ ପ୍ରମୁଖ ଶନିବାର ବ୍ୟାରେଜ ସ୍ଥାନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଚାଷୀ ମାନଙ୍କ ସହ ଆଲୋଚନା ବେଳେ ଚାଷୀମାନେ ସରକାରଙ୍କ ଉପରେ ଖୁସି ଓ ଆସ୍ଥା ପ୍ରକଟ କରିବା ସହ ଆଗାମୀ ଦିନରେ ଚାଷୀମାନେ ଏହି ପାଣିର ସଠିକ ଉପଯୋଗ କରି ରବି ଓ ଖରିଫ ଫସଲ ସହ ପନି ପରିବା ଚାଷ ମଧ୍ୟ ବେଶ ସୁରୁଖୁରୁରେ କରିପାରିବେ ବୋଲି ପ୍ରକାଶ କରିଥିଲେ। ଏହା ବ୍ୟତୀତ ସରକାର ବୃହତ୍ତ ବ୍ରହ୍ମପୁରର ଯେଉଁ ପିଇବା ପାଣି ପରିକଳ୍ପନା କରିଛନ୍ତି ସେଥିପାଇଁ ଲୋକଙ୍କ ଆବଶ୍ୟକ ପାଣି ଏହି ବ୍ୟାରେଜରୁ ଯୋଗାଇ ଦିଆଯିବ। ବ୍ୟାରେଜର ଲମ୍ବା ୧୯୮ ମିଟର ହୋଇଥିବା ବେଳେ ପ୍ରାୟ ୧୦ ଫୁଟ ପର୍ଯ୍ୟନ୍ତ ପାଣି ଗଚ୍ଛିତ ରହିବ। ବ୍ୟାରେଜର ଦେଖାଶୁଣା କରିବା ପାଇଁ ଏହା ଉପରେ ଏକ ୧୫ ଫୁଟ ଚଉଡ଼ା ରାସ୍ତା ନିର୍ମାଣ ହେବ। ଗଞ୍ଜାମ ଜିଲ୍ଲାର ଧରାକୋଟ, ଆସିକା, ଶେରଗଡ଼, ସାନଖେମୁଣ୍ଡି, ହିଞ୍ଜିଳି, କୁକୁଡାଖଣ୍ଡି, ଦିଗପହଣ୍ଡି, ଛତ୍ରପୁର, ରଙ୍ଗେଇଲୁଣ୍ଡା ଓ ଗଞ୍ଜାମ ଭଳି ୧୦ଟି ବ୍ଲକର ବିଭିନ୍ନ ଗ୍ରାମର ଜଳସେଚନ ଓ ପିଇବା ପାଣି ସମସ୍ୟାର ସ୍ଥାୟୀ ସମାଧାନ ହେବା ସହ ଜିଲ୍ଲାର ଓ ଲୋକଙ୍କର ଅର୍ଥନୀତି ଏହି ବ୍ୟାରେଜ ନିର୍ମାଣ ଦ୍ୱାରା ସୁଦୃଢ଼ ହେବ। ଏଣୁ ସମୀକ୍ଷାବେଳେ ଚାଷୀମାନେ ସରକାରଙ୍କ ଉପରେ ଖୁସି ପ୍ରକଟ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବ୍ୟାରେଜ ନିର୍ମାଣ ଶେଷ କରିବା ପାଇଁ ଜଳସମ୍ପଦ ବିଭାଗର ଅଧିକ୍ଷଣଯନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।



# ଭାଷା ସାହିତ୍ୟ ସୃଜନଶୀଳତା ଉତ୍ସବ



**ରମ୍ଭା,୧୦।୨(ସମିସ):** ସ୍ଥାନୀୟ ବାଲୁକେଶ୍ୱରପୁର ସ୍ଥିତ ବାଲୁକେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ସୃଜନଶୀଳତା ଉତ୍ସବ ଆୟୋଜିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବେହେରା ଅଧ୍ୟକ୍ଷତା କରିଥିବାବେଳେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାପାତ୍ର, ପୁରାତନ ଛାତ୍ର ତଥା ଯୁବ ସାହିତ୍ୟିକ, ଗବେଷକ ଡକ୍ଟର ଦ୍ୱାରିକାନାଥ ମହାରଣା ମୁଖ୍ୟବକ୍ତା, ମୁଖ୍ୟ ଅତିଥି ରୂପେ ଯୋଗଦେଇ ଭାଷା ଭାବ ବିନିମୟର ମୁଖ୍ୟ ମାଧ୍ୟମ, ଭାଷାର ଉନ୍ନତିରେ ଜାତିର ଉନ୍ନତି, ଭାଷା ସାହିତ୍ୟ ସୃଜନଶୀଳତା ପ୍ରତି ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବା ସହିତ ସେମାନଙ୍କୁ ଏ ଦିଗରେ ଉତ୍ସାହିତ କଲେ ହିଁ ଏକ୍ଷେତ୍ରରେ ସୁଫଳ ମିଳିପାରିବ ବୋଲି ଅଭିହିତ କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଏକ ମନୋଜ୍ଞ ପ୍ରଦର୍ଶନୀ ଅନୁଷ୍ଠିତ ହୋଇସାରିଛି। ଉତ୍ସବରେ ଶିକ୍ଷକ ରୋହିତ କୁମାର ସାହୁ, ସୁବ୍ରତ କୁମାର ସାହୁ, ସାଗର ପ୍ରଧାନ, ଚିନ୍ମୟ ଚିରଞ୍ଜିବୀ ସାହୁ, ପୀତବାସ ମହାପାତ୍ର, ଶିକ୍ଷୟିତ୍ରୀ ସଂଘମିତ୍ରା ପଲେଇ, ରଶ୍ମି ମହାପାତ୍ର, ରଶ୍ମି ରଞ୍ଜିତା ସ୍ୱାଇଁ, ଦୀପାଞ୍ଜଳୀ ରାଉତ, ଅନ୍ନପୂର୍ଣ୍ଣା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସଂଘମିତ୍ରା ପଲେଇ ଧନ୍ୟବାଦ ପ୍ରଦାନ କରିଥିଲେ।

# ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା



**ଦିଗପହଣ୍ଡି, ୧୦।୨(ସମିସ):** ଦିଗପହଣ୍ଡି ବ୍ଲକ ବମକୋଇ ଗ୍ରାମ ସ୍ଥିତ ଚିଦାନନ୍ଦ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ନୂଆ-ଓ’ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଦେବଦତ୍ତ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଚିକିଟି ମହାବିଦ୍ୟାଳୟର ବରିଷ୍ଠ ଓଡ଼ିଆ ଅଧ୍ୟାପକ ଡ଼. ସଞ୍ଜୟ କୁମାର ପଣ୍ଡା ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସ୍କୁଲ ଏସଆଇ କସ୍ତୁରୀ ମାନସ ଗଣେଶ ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନୋଡାଲ ଅଫିସର ତଥା ଓଡ଼ିଆ ଅଧ୍ୟାପକ ଡ଼. ଶାନ୍ତନୁ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଦିଲ୍ଲୀପ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଅନ୍ୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

# ଲୋକକଳା ମାଧ୍ୟମରେ ସରକାରୀ ଯୋଜନାର ପ୍ରଚାର

**ସାନଖେମୁଣ୍ଡି, ୧୦।୨(ସମିସ):** ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡ଼ିକୁ ବର୍ତ୍ତମାନ ଗ୍ରାମାଞ୍ଚଳରେ ବିଭିନ୍ନ କଳା ସଂସ୍କୃତି ମାଧ୍ୟମରେ ସଚେତନତା କରାଯାଉଛି। ଏହି ପରିପ୍ରେକ୍ଷୀରେ ସାନଖେମୁଣ୍ଡି ବ୍ଲକର ୨୬ଟି ପଞ୍ଚାୟତରେ ଭାରତଲୀଳା, ଗାହାଣ, ଘୁଡ଼ିକି, ପ୍ରହ୍ଲାଦ ନାଟକ, ପାଲା, ଦାସ କାଠିଆ, ରାମଲୀଳା, ସକୀର୍ତ୍ତନ, ଘଣ୍ଟ ତାଳ ମାଧ୍ୟମରେ ଶିଶୁର ସ୍ୱାସ୍ଥ୍ୟର ଯତ୍ନ ନେବା, ମଧୁବାବୁ ପେନସନ ଯୋଜନାରେ ଅସହାୟ ବୃଦ୍ଧ ବୃଦ୍ଧାଙ୍କୁ ଭତ୍ତା ଭଳି ବିଭିନ୍ନ ଯୋଜନା ସମ୍ପର୍କରେ କଳାକାର ମାନେ ଲୋକଙ୍କୁ ସଚେତନ କରିଥିଲେ। କଳା ସଂସ୍କୃତି ସଂଘ ଉପ ସଭାପତି ସନ୍ତୋଷ କୁମାର ପାଢ଼ୀ ଓ ସାନଖେମୁଣ୍ଡିର ବିଭିନ୍ନ କାଳକର ମାନେ ପରିଚାଳନା କରୁଛନ୍ତି।



# ସରକାରୀ ବିଜ୍ଞାନ କଲେଜରେ କର୍ମଶାଳା

**ଛତ୍ରପୁର, ୧୦।୨(ସମିସ):** ଛତ୍ରପୁର ସ୍ଥିତ ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଆନୁକୂଲ୍ୟରେ କିଶୋର ବାଳିକା ମାନଙ୍କ ଉଦ୍ଦେଶ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମାସିକ ଋତସ୍ରାବ ସମୟରେ ଆବଶ୍ୟକ ପରିଚ୍ଛନ୍ନତା ବିଷୟରେ ଏହି କର୍ମଶାଳାରେ ଆଲୋଚନା କରାଯାଇଥିଲା। ଅଧ୍ୟକ୍ଷ ଡକ୍ଟର ପ୍ରମୋଦ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ ଅନୁସାରେ ଡକ୍ଟର ପିଙ୍କିରାଣି ଦେଇ ଏହି କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ। ପ୍ରାଣୀ ବିଜ୍ଞନ ଆଧ୍ୟାପିକା ରାଜବାଳା ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଋତୁସ୍ରାବ କାଳୀନ ପରିଚ୍ଛନ୍ନତାର ବୈଜ୍ଞାନିକ ଦିଗ ବିଷୟରେ ଆଲୋକପାତ କରିବା ସହ ସମସ୍ତଙ୍କର ଦ୍ୱନ୍ଦ ଦୂର କରିଥିଲେ। ଯୁବ ରେଡ କ୍ରସ ପରାମର୍ଶଦାତା ଡକ୍ଟର ମାନସ କୁମାର ତ୍ରିପାଠୀ, ପୂର୍ବତନ ଓ ଅନ୍ୟତମ ପରାମର୍ଶଦାତା ଯଥାକ୍ରମେ ମନୋରଞ୍ଜନ ମହାରଣା ଓ ଡକ୍ଟର ମିଲି ମିତା ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ସାନିଟାରୀ ନାପକିନ ବିତରଣ କରଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



# ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

**ବୁଗୁଡ଼ା, ୧୦।୨(ସମିସ):** ସ୍ଥାନୀୟ ଏନ୍‌ଏସି କଲ୍ୟାଣୀ ମଣ୍ଡପ ପରିସରରେ ମିଶନ ଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯ଟି ସ୍ୱୟଂ ସହାୟିକା ଗୋଷ୍ଠୀର ୩୦ ଜଣ ସଦସ୍ୟାଙ୍କ ସମେତ ମାଷ୍ଟର ଟ୍ରେନର ଉଷାରାଣୀ ମହାପାତ୍ର



ଓ ସସ୍ମିତା ମିଶ୍ର ଅଂଶଗ୍ରହଣ କରିଥିଲେ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇ ମାଷ୍ଟର ଟ୍ରେନର ମାନଙ୍କୁ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ। ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢ଼ୀ, ୱାର୍ଡ-୭ର କାଉନସିଲର ଆଶୁତୋଷ ବଢେଇ, ପ୍ରୋଜେକ୍ଟ କୋର୍ଡିନେଟର ସର୍ବେଶ୍ୱର ବାରିକ, ଇମ୍ପ୍ଲିମେଣ୍ଟ ଏକ୍ସପର୍ଟ ଦ୍ୱିତୀକୃଷ୍ଣ ସାହୁ, ଆକାଉଣ୍ଟ୍ ଏକ୍ସପର୍ଟ ସଙ୍କେତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନା ସମ୍ପର୍କରେ ଅଭିଭାଷଣ ରଖିଥିଲାବେଳେ ଏନ୍‌ଏସି କର୍ମଚାରୀ ମୁନା ଗୌଡ଼, ୱାର୍ଡ ଅଫିସର ସିମ୍ରନ୍ ଦାଶ ଓ ରଞ୍ଜିତା ପାଢ଼ୀ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

**ପୁରୁଷୋତ୍ତମପୁର,୧୦।୨(ସମିସ):** ପୁରୁଷୋତ୍ତମପୁର ଅବସରପ୍ରାପ୍ତ କର୍ମଚାରୀ ସଂଘର ପଞ୍ଚଦ୍ଦର୍ଶ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ସଂଘ ସଭାପତି ଜଟେଶ୍ୱର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ରଥ, ମୁଖ୍ୟବକ୍ତା ରାଜ୍ୟ ଅବସରପ୍ରାପ୍ତ ସଂଘ ସମ୍ପାଦକ ଶ୍ୟାମସୁନ୍ଦର ଖାଡଙ୍ଗା, ସମ୍ମାନିତ ଅତିଥି ଗଞ୍ଜାମ ଜିଲ୍ଲା ଉପସଭାପତି ସୁବାସ ଚନ୍ଦ୍ର ମିଶ୍ର, ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ କବିରାଜ ସାହୁ, ପୂର୍ବତନ ସଭାପତି ରଘୁନାଥ ସାହୁ ଯୋଗଦେଇଥିଲେ। ସନ ସାଇନ୍ ଇଣ୍ଟରନ୍ୟାସନାଲ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଂଘ ସଭାପତି ଜଟେଶ୍ୱର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ହରିହର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସଂଘ ସଦସ୍ୟ ୮୦ ବର୍ଷ ଅତିକ୍ରାନ୍ତ କରିଥିବା ରଘୁନାଥ ପାତ୍ର, ଉଦୟ ନାଥ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ଉପସଭାପତି ଅଜୟ କୁମାର ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ମନମୋହନ ତ୍ରିପାଠୀ, ଏ.ରାଜୁ ଗୋପାଳ ରାଓ, ରାମଚନ୍ଦ୍ର ପଣ୍ଡା, ଲକ୍ଷ୍ମୀଚରଣ ପାଣିଗ୍ରାହୀଙ୍କ ସମେତ ବହୁ ସଦସ୍ୟ ପରିଚାଳନା କରିଥିଲେ।



# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



**ସାନଖେମୁଣ୍ଡି, ୧୦।୨(ସମିସ):** ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ସାତପେଣ୍ଠ ଗୋପାଳପୁର ପଞ୍ଚାୟତର ପୁରୁଣାଗଡ଼ ଗ୍ରାମରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରୁଣାଗଡ଼ ସରପଞ୍ଚ ସୁମିତ୍ରା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ସିମାଞ୍ଚଳ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରତିନିଧି ସଞ୍ଜୟ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଅମିନ, ସରପଞ୍ଚ ପ୍ରତିନିଧି ସୁଧୀର କୁମାର ପାତ୍ର, ସମାଜସେବୀ ସୂର୍ଯ୍ୟନାରାୟଣ ପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଶ୍ୱନାଥ ସେଠୀ, ବ୍ଲକ ପ୍ରକଳ୍ପ ସଂଯୋଜକ ଦୁର୍ଯ୍ୟୋଧନ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

# ଖଲିଙ୍ଗି ୟୁପି ସ୍କୁଲର ବାର୍ଷିକ ଉତ୍ସବ

**ସାନଖେମୁଣ୍ଡି, ୧୦।୨(ସମିସ):** ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ଣ୍ଣ ସେଠୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପରିଚାଳନା ନିର୍ଦ୍ଦେଶକ ସମବାୟ ଚିନି ଶିଳ୍ପ ଅଧିକାରୀ ଗାୟତ୍ରୀ ଦତ୍ତ ନାୟକ, ମୁଖ୍ୟବକ୍ତା ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟ



ରାସାୟନିକ ବିଜ୍ଞାନ ଅଧ୍ୟାପକ କୈଳାଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ପଣ୍ଡା, ଖଲିଙ୍ଗି ସରପଞ୍ଚ ଅର୍ଣ୍ଣବ ନାୟକ, ଖଲିଙ୍ଗି କ୍ଲଷ୍ଟର ସିଆରସି ତୋଫାନ କୁମାର ପାତ୍ର, ସାନଖେମୁଣ୍ଡି ପ୍ରେସ କ୍ଲବ୍ ସଭାପତି କାଳୁଚରଣ ନାହାକ, ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଶୁକଦେବ ମଲ୍ଲିକ ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ପାଣିଗ୍ରାହୀ, ଗୀତାଞ୍ଜଳି ପରିଡ଼ା, ସନ୍ତୋଷି ପ୍ରଧାନ, ସନ୍ତୋଷ କୁମାର ଜେନା, ଅଜୟ କୁମାର ମହାପାତ୍ର, ପରେଶ ବେହେରା, ଚିତ୍ରସେନ ଭୂୟାଁ, ବିଜୟ କୁମାର ବେହରା, ଲୋକନାଥ ଜେନା, ସଚିନ କୁମାର ମିଶ୍ର, ପାର୍ଥ ଦେବ ଜେନାଙ୍କ ସମେତ ସମସ୍ତ କର୍ମଚାରୀ, ପରିଚାଳନା କମିଟି ସହଯୋଗ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା




**ଭଞ୍ଜନଗର,୧୦।୨(ସମିସ):** ତାଲୁକ ଆଇନ ସେବା କମିଟି ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ରାଲି ଅନୁଷ୍ଠିତ ହୋଇଥିଲା। ଏହାକୁ ତାଲୁକା ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ୍ ଦେବଦତ୍ତ ପଟ୍ଟନାୟକ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରାଲି ଚକରା ବିଷୋୟୀ ଛକରୁ ବାହାରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଶେଷ ହୋଇଥିଲା। ପରେ କଲେଜ ସଭା ଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଜଜ୍ ତଥା ଆଇନସେବା କମିଟିର ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଏମଏସିଟି ବିଷୟ ଉପରେ ଆଲୋକପାତ କରିଥିଲେ। ଜେଏମଏଫସି ସନ୍ଧ୍ୟା ସୁଚରିତା ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ ବାବଦରେ ବୁଝାଇଥିଲେ। ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରଥ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱାମିତ୍ର ହରପାଲ୍ ପ୍ରମୁଖ ଉପସ୍ଥିତ ଥିଲେ। ଆଇନସେବା କମିଟିର ସଦସ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ, ପରିଚାଳନା କମିଟ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। କୋର୍ଟର କନିଷ୍ଠ କିରାଣୀ ଆଦିତ୍ୟ ନାରାୟଣ ରଥ ପରିଚାଳନା କରିଥିବା ବେଳେ ଅନୁପମ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଗଣା ସ୍ୱାସ୍ଥ୍ୟ ଶିବିର

**ଛତ୍ରପୁର, ୧୦।୨(ସମିସ):** ସ୍ଥାନୀୟ ପୁରୁଣା ପୋଷ୍ଟ ଅଫିସ ସାହି ସ୍ଥିତ ସାଇ ଶ୍ରଦ୍ଧା ହେଲଥ କେୟାର ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସାଇ ଶ୍ରଦ୍ଧା ହେଲଥ କେୟାରର ମୁଖ୍ୟ ତଥା ଜିଲ୍ଲା ପରିଷଦ ସଭ୍ୟ ଏମ ଧନଞ୍ଜୟ ରେଡ୍ଡୀ ଓ ତାଙ୍କ ଧର୍ମପତ୍ନୀ ସ୍ୱରପ୍ରିୟା ପଲାଇଙ୍କ




ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଏମକେସିଜି ମେଡିକାଲର ଭେସଜ ବିଭାଗର ସହକାରୀ ପ୍ରାଧ୍ୟାପକ ଡାକ୍ତର ନିହାର ରଞ୍ଜନ ସାହୁ ଯୋଗ ଦେଇଥିଲେ। ରୋଗୀଙ୍କୁ ମାଗଣାରେ ମଧୁମେହ, ଥାଇରାଏଡ଼, ଲିପିଡ଼ ପ୍ରୋଫାଇଲ, ସ୍ନାୟୁ ଜନିତ ସହ ବିଭିନ୍ନ ପ୍ରକାର ରୋଗ ପରୀକ୍ଷା କରାଇଥିଲେ।

# ପେଟ ପାଇଁ ଦାନା ଯୋଗାଉଛି ‘ଘୋଡ଼ାନାଲ’

**ଶେରଗଡ଼, ୧୦।୨(ସମିସ):** ଆଜିର ଦୁନିଆରେ ପରିବାର ପ୍ରତିପୋଷଣ ପାଇଁ ବ୍ୟକ୍ତି ବିଭିନ୍ନ କିସମର ସଂଘର୍ଷ କରୁଥିବା ନଜିର ରହିଛି। କିଏ ମାଙ୍କଡ଼ ନାଚ କରି ଟଙ୍କା ରୋଜଗାର କରୁଛି ତ କିଏ ହାତୀ ପିଠିରେ ବସି ଗାଁ ଗାଁ ବୁଲି ଧାନ, ଚାଉଳ ଆଦାୟ କରୁଛି। ସେହିପରି ସୁଦୂର ଉତ୍ତର ପ୍ରଦେଶରୁ ଆସି ଓଡ଼ିଶାର ବିଭିନ୍ନ ପୁରପଲ୍ଲୀରେ ଘୋଡ଼ା ଗାଡ଼ିରେ ବୁଲି ଘୋଡ଼ା ନାଲ ମୁଦି, ଘୋଡ଼ା ଟାପୁ, ଡେଉଁରିଆ ଏବଂ ଘୋଡ଼ା ଚୂଳ ବିକ୍ରି କରି ଟଙ୍କା ରୋଜଗାର କରୁଛନ୍ତି। ଏଭଳି ଜଣେ ଯୁବକ ହେଉଛନ୍ତି ଉତ୍ତର ପ୍ରଦେଶ ବଦାୟୁନ ଜିଲ୍ଲାର ଇସମାଇଲପୁର ଗ୍ରାମର ସୋହିନ ଅଲ୍ଲୀ। ସୋହିନ କହିଛନ୍ତି, ଘୋଡ଼ାର ଚାରି ଗୋଡ ମଧ୍ୟରୁ ବାମ ଗୋଡ ନାଲର ଚାହିଦା ଅଧିକ ରହିଛି। ଘୋଡ଼ା ନାଲରେ ମୁଦି ତିଆରି କରି ଧାରଣ କଲେ ଗ୍ରହ ଶାନ୍ତି ହେବା ସହ ପରିବାରରେ ସୁଖ ଶାନ୍ତି ରହିବା ବିଶ୍ୱାସ ରହିଛି। ଦୈନିକ ହଜାରେ ଟଙ୍କାରୁ ଅଧିକ ବିକ୍ରି ହେଉଥିବାବେଳେ ଘୋଡ଼ା ଦାନା ଲାଗି ପାଖାପାଖି ଅଧାରୁ ଅଧିକ ଅର୍ଥ ଖର୍ଚ୍ଚ ହେଉଥିବା ସେ କହିଛନ୍ତି। ବର୍ତ୍ତମାନ ବିବାହ ଋତୁ ଚାଲିଥିବାରୁ କେହି କେହି ବରାନୁଗମନ ଲାଗି ଯଦି ଘୋଡ଼ା ଗାଡି ଆବଶ୍ୟକ କରନ୍ତି ତା ହେଲେ ସେହି କାର୍ଯ୍ୟକ୍ରମରେ ବେଶ ଦି ପଇସା ଲାଭ ହୁଏ ବୋଲି କହିଛନ୍ତି। ବିଗତ ବର୍ଷ ମଧ୍ୟ ସେମାନେ ଶେରଗଡ଼ ଆଖପାଖ ଅଞ୍ଚଳରେ ବୁଲାବୁଲି କରି ନିଜର ବ୍ୟବସାୟ କରିବା ପାଇଁ ଆସିଥିଲେ। ଚଳିତ ବର୍ଷ ମଧ୍ୟ ଓଡ଼ିଶାରେ ପହଞ୍ଚି ନିଜର ପେଟ ପୋଷିବା ଲାଗି ଘୋଡ଼ା ନାଲ ବିକ୍ରି କରୁଥିବା ପ୍ରକାଶ କରିଛନ୍ତି। ଘୋଡ଼ାକୁ ଦେଖିବା ପାଇଁ ମଧ୍ୟ ଛୋଟ ପିଲା ଏବଂ ସ୍ତ୍ରୀ ଲୋକମାନେ ଆଗ୍ରହ ପ୍ରକାଶ କରନ୍ତି। ପ୍ରତ୍ୟେକ ଛକ ମାନଙ୍କରେ ବ୍ୟବସାୟ ଭଲ ହେଉଥିବା କହିଛନ୍ତି। ପାଉଥିବା ଅର୍ଥର ବଳକା ଟଙ୍କାକୁ ଘରକୁ ପଠାଇ ଘର ଚଳାଉଥିବା ପ୍ରକାଶ କରିଥିଲେ ସୋହିନ ଅଲ୍ଲୀ।



# ରାଣୀ ମା’ଙ୍କୁ ଝୁରୁଛି ଗଞ୍ଜାମ





**ବ୍ରହ୍ମପୁର/ଖଲ୍ଲିକୋଟ, ୧୦ ।୨(ସମିସ): ଖଲ୍ଲିକୋଟ ରାଣୀ ସାହେବା ତଥା ଖଲ୍ଲିକୋଟ ଓ କବିସୂର୍ଯ୍ୟନଗରର ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।**







ଖଲ୍ଲିକୋଟ ରାଜ ପରିବାରର ଶେଷ ଦାୟାଦ ରାଣୀ ସାହେବା ତଥା ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ବିୟୋଗ ଅପୂରଣୀୟ କ୍ଷତି । ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

**(ଚିନ୍ତାମଣି ଦ୍ୟାନ ସାମନ୍ତରା, ପୂର୍ବତନ ବାଚସ୍ପତି)**

ଧରାକୋଟ ରାଜମାତା ତଥା ସାନଖେମୁଣ୍ଡିର ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ଖଲ୍ଲିକୋଟ ରାଣୀ ସାହେବାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି । ସଂପ୍ରତି ଖଲିକୋଟ ଅଞ୍ଚଳର ଦ୍ରୁତ ବିକାଶ ପଛରେ ରାଣୀ ସୁଜ୍ଞାନ ଦେବୀଙ୍କ ଅବଦାନ ଅତୁଳନୀୟ ରହିଥିବା ସ୍ପଷ୍ଟ ବାରି ହୋଇପଡିଛି । ତାଙ୍କର ମୃତ୍ୟୁରେ ଧରାକୋଟ ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ମଧ୍ୟ ଗଭୀର ଶୋକ ପ୍ରକାଶ କରିଛନ୍ତି ।

**(ନନ୍ଦିନୀ ଦେବୀ, ଧରାକୋଟ ରାଣୀ ସାହେବା ତଥା ପୂର୍ବତନ ବିଧାୟିକା)**

ଖଲ୍ଲିକୋଟ ରାଣୀ ଭି. ସୁଜ୍ଞାନ କୁମାରୀ ଦେଓଙ୍କ ବିୟୋଗରେ ମୁଁ ବ୍ୟକ୍ତିଗତ ଭାବେ ବହୁତ ଦୁଃଖିତ ଓ ମର୍ମାହତ । ମୋ ହାତ ଧରି ରାଜନୀତିକୁ ଆଣିଥିଲେ ରାଣୀ ମା । ମତେ ସେ ସାଙ୍ଗରେ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ନେଇ ପରିଚୟ କରାଇଥିଲେ । କିଛି ଦିନ ତଳେ ମୁଁ ତାଙ୍କୁ ଭେଟିବାକୁ ଚେନ୍ନାଇ ଯାଇଥିଲି । ଆଜି ତାଙ୍କ ଦେହାନ୍ତ ଖବର ମତେ ବହୁତ ମର୍ମାହତ । ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ତାଙ୍କ ଅମର ଆରାର ସଦଗତି କାମନା କରୁଛି । ତାଙ୍କ ପଦପଦ୍ମରେ ମୋର କୋଟି କୋଟି ପ୍ରଣାମ ଜଣାଉଛି ।

**(ଆରତୀ ଦେବୀ, ସମାଜସେବୀ, ପୋଲସରା)**

ପ୍ରବାଦପୁରୁଷ ବିଜୁବାବୁଙ୍କ ଅନ୍ୟତମ ଘନିଷ୍ଠ ସହଯୋଗୀ, ବିଶିଷ୍ଟ ରାଜନୀତିଜ୍ଞ ତଥା ଖଲ୍ଲିକୋଟର ରାଣୀ ମାଆ, ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ତାଙ୍କ ଦେହାନ୍ତ ଏକ ଅପୂରଣୀୟ କ୍ଷତି । ଦୀର୍ଘ ସମୟ ଧରି ବିଧାୟିକା ଭାବେ ଓଡିଶାର ଜନମାସରେ ସେ ସୁପରଚିତ ଥିଲେ। ରାଜ୍ୟ ରାଜନୀତି ଜଗତରେ ଜନପ୍ରତିନିଧି ଭାବେ ତାଙ୍କର ଲୋକସେବା କାର୍ଯ୍ୟ ଗୁଡ଼ିକ ଚିର ସ୍ମରଣୀୟ ହୋଇ ରହିବ । ଖଲିକୋଟ ଓ କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ୧୦ଥର ବିଧାୟିକା ଭାବେ ପ୍ରତିନିଧିତ୍ୱ କରି ଜନସେବାରେ ସେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି । ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି ।

**(ସୁବାଷ ଚନ୍ଦ୍ର ବେହେରା, ବିଧାୟକ ଛତ୍ରପୁର)**

ଖଲ୍ଲିକୋଟ ରାଣୀ ଭି ସୁଜ୍ଞାନୀ କୁମାରୀ ଦେଓ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳିରେ ୮ଥର ବିଧାୟିକା ଭାବେ ନିର୍ବାଚିତ ହୋଇଥିବା ବେଳେ ୨ଥର କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳିରୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ । ତେବେ ତାଙ୍କ ବିୟୋଗରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ପୂର୍ବତନ ବରିଷ୍ଠ ବିଧାୟିକା ଭି ସୁଜ୍ଞାନ କୁମାରୀ ଦେଓଙ୍କ ବିୟୋଗରେ ମୁଁ ଗଭୀର ମର୍ମାହତ । ସେ ଜଣେ ସ୍ପଷ୍ଟବାଦୀ, କ୍ଷମତା ପ୍ରତି ଚିର ଅନାସକ୍ତ ରାଜନେତ୍ରୀ ଭାବେ ସେ ଜନମାନସରେ ସୁପରିଚିତ ଥିଲେ । ତାଙ୍କ ଦୀର୍ଘ ଦିନର ରାଜନୈତିକ ଯାତ୍ରା ଥିଲା ଅବିସ୍ମରଣୀୟ । ତାଙ୍କ ବିୟୋଗରେ ଓଡ଼ିଶାର ରାଜନୀତି କ୍ଷେତ୍ରରେ ଏକ ଦାରୁଣ ଓ ଅପୂରଣୀୟ କ୍ଷତି ହୋଇଛି । ବିଧାୟକ ରମେଶ ଚନ୍ଦ୍ର ଜେନା ତାଙ୍କର ଅମର ଆରାର ସଦଗତି କାମନା କରିବା ସଂଗେ ସଙ୍ଗେ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତ ।

**(ରମେଶ ଚନ୍ଦ୍ର ଜେନା,
ବିଧାୟକ ସାନଖେମୁଣ୍ଡି ତଥା କଂଗ୍ରେସ ଜିଲ୍ଲା ସଭାପତି)**

ବିଶିଷ୍ଟ ରାଜନୀତିଜ୍ଞ ତଥା ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି ଛତ୍ରପୁରର ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ। ତାଙ୍କ ବିୟୋଗରେ ଓଡ଼ିଶା ଜଣେ ସ୍ପଷ୍ଟବାଦୀ ରାଜନେତ୍ରୀଙ୍କୁ ହରାଇଲା। ରାଜ୍ୟ ରାଜନୀତି ଜଗତରେ ଜନପ୍ରତିନିଧି ଭାବେ ତାଙ୍କର ଲୋକସେବା କାର୍ଯ୍ୟ ଗୁଡ଼ିକ ଚିର ସ୍ମରଣୀୟ ହୋଇ ରହିବ । ବିଜୁ ଜନତା ଦଳର ବରିଷ୍ଠ ନେତ୍ରୀ ଭାବେ ଦଳକୁ ସଙ୍ଗଠିତ କରିବାରେ ଭି. ସୁଜ୍ଞାନ ଦେଓଙ୍କ ବଡ଼ ଯୋଗଦାନ ରହିଥିଲା । ଭି.ସୁଜ୍ଞାନ କୁମାରୀ ଦେଓ ଜଣେ ଏଭଳି ବ୍ୟକ୍ତିତ୍ୱ ଯିଏ କ୍ଷମତା ପାଇଁ କେବେ ଲାଳାୟିତ ନଥିଲେ । ବାରମ୍ବାର ମନ୍ତ୍ରୀ ପଦ ପାଇଁ ଅଫର ମିଳିଥିଲେ ବି ସେ ଏହାକୁ ଗ୍ରହଣ କରିନଥିଲେ । ସେ ଜଣେ ରୋଲ ମଡେଲ୍ ଥିଲେ । ସେ ମୋ ପାଇଁ ଜଣେ ଆଦର୍ଶ ଓ ମୋ ପ୍ରତି ତାଙ୍କର ସ୍ନେହ ଥିଲା । । ତାଙ୍କ ସହ ଆମ ପରିବାରର ଘନିଷ୍ଠ ସମ୍ପର୍କ ଥିଲା । କାରଣ ମୁଁ ଯେତେବେଳେ ଛତ୍ରପୁର ବିଧାୟକ ଭାବେ ୧୯୮୫ ମସିହାରେ ବିଧାନସଭା ଯାଇଥିଲି ତାଙ୍କ ସହ ମିଶି କାମ କରିବାର ସୁଯୋଗ ପାଇଥିଲି । ତାଙ୍କର କାର୍ଯ୍ୟକଳାପ ବହୁତ ଭଲ ଥିଲା । ସେ ଖଲ୍ଲିକୋଟର ରାଜ ମାତା ଭାବେ ପରିଚୟ ନଥିଲେ ସାରା ଗଞ୍ଜାମ ଜିଲ୍ଲାର ମା ଭାବେ ପରଚିତ ଥିଲେ । ତାଙ୍କର ବିୟୋଗରେ ଗଞ୍ଜାମ ଜିଲ୍ଲା ନୁହେଁ ସାରା ଦକ୍ଷିଣା ଓଡିଶାର କ୍ଷତି ଘଟିଛି ।

**(ଅଶୋକ କୁମାର ଚୌଧୁରୀ, ପୂର୍ବତନ ବିଧାୟକ )**

ନାରୀ ନେତ୍ରୀର ପ୍ରତିକ ତଥା ଦକ୍ଷିଣ ଓଡ଼ିଶାର ପ୍ରଖ୍ୟାତ ନେତ୍ରୀ ଖଲ୍ଲିକୋଟ ରାଣୀ ସାହେବା ଭି ସୁଜ୍ଞାନ କୁମାରୀ ଦେଓଙ୍କ ବିୟୋଗରେ ମୁଁ ଗଭୀର ମର୍ମାହତ । ଖଲ୍ଲିକୋଟ ରାଜ ପରିବାରର ଗଞ୍ଜାମ ପ୍ରତି ଢେର ଅବଦାନ ରହିଛି । ସେହିଭଳି ରାଣୀ ସାହେବା ମଧ୍ୟ ଏଠାକାର ଉନ୍ନତୀ ଲାଗି ସଦା ଚିନ୍ତାଶୀଳ ଥିଲେ । ତାଙ୍କ ବିୟୋଗ ସମଗ୍ର ଅଞ୍ଚଳ ପାଇଁ ଅପୂରଣୀୟ କ୍ଷତି । ବିଶେଷ ଭାବେ କହିବାକୁ ଗଲେ ବିଜୁ ଜନତା ଦଳର ସେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତ୍ରୀ ଥିଲେ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଉଛି ।

**(ବିକ୍ରମ କୁମାର ପଣ୍ଡା,
ଜିଲ୍ଲା ଯୋଜନା ବୋଡର୍ ଅଧ୍ୟକ୍ଷ ତଥା ବିଧାୟକ ବ୍ରହ୍ମପୁର)**

ସମଗ୍ର ଜିଲ୍ଲାବାସୀ ଭି. ସୁଜ୍ଞାନ କୁମାରୀ ଦେଓ କେବଳ ଯେ, ଜଣେ ରାଜନେତ୍ରୀ ନଥିଲେ ବରଂ ଖଲ୍ଲିକୋଟର ରାଣୀ ସାହେବା ଥିଲେ। ତାଙ୍କୁ ହରାଇ ସମସ୍ତେ ମର୍ମାହତ। ଲୋକଙ୍କ ସହିତ ରହିବା ଓ ଲୋକଙ୍କ ପାଇଁ କାମ କରିବା ତାଙ୍କର ମୂଳ ଆଭିମୁଖ୍ୟ ରହିଥିଲା। ମୁଁ ଯେତେବେଳେ ତାଙ୍କୁ ସାକ୍ଷାତ କରେ ସେ ସଦାବେଳେ ଅଞ୍ଚଳର ସମସ୍ୟା ବିଷୟରେ କହୁବା ସହ ଏହାର ସମାଧାନ ପ୍ରତି ଗୁରୁତ୍ୱ ଦେଉଥିଲେ। ଅନେକ ସ୍କୁଲ ଓ ଲାଇବ୍ରେରୀକୁ ପୁସ୍ତକ ପଠାଇବାରେ ସବୁବେଳେ ସହଯୋଗ କରିଥିଲେ। ପିଲାମାନଙ୍କ ପାଠପଢାଙ୍କୁ ଗୁରୁତ୍ୱ ଦେଉଥିଲେ। ଅଞ୍ଚଳର ଉନ୍ନତୀ ସହିତ ମାନବ ସମ୍ବଳର ଉନ୍ନତି ଲାଗି ରାଣୀ ମା' ଚିନ୍ତା କରୁଥିଲେ। ଚେନ୍ନାଇରୁ ସେ ରାତିରେ ପହଞ୍ଚିବେ। ଶଙ୍ଖ ଭବନ ଓ ବିଧାନସଭା ଆସିବା ପରେ ଶେଷ ବିଦାୟ ଦିଆଯିବ। ଲୋକେ ଯେମିତି ତାଙ୍କ ଶେଷ ଦର୍ଶନ କରିବେ ସେଥିଲାଗି ଧ୍ୟାନ ଦିଆଯାଉଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ହୃଦୟରେ ସେ ରହିଛନ୍ତି। ରବିବାର ଖଲ୍ଲିକୋଟରେ ପ୍ରବଳ ଭିଡ଼ ହେବ। ରାଣୀ ମା'ଙ୍କ ଦେହାନ୍ତ ଓଡ଼ିଶା ରାଜନୀତି ପାଇ ଅପୂରଣକ୍ଷତି। ଯେଉଁ ସମୟରେ ମା' ମାନେ ଘରର ଚାରିକାନ୍ଥରେ ବସୁଥିଲେ। ସେହି ସମୟରେ ସେ ଲୋକ ପ୍ରତିନିଧି ହୋଇଥିଲେ। ସେ ମିଷ୍ଟଭାସୀ ସମେତ ବହୁ ମେଳାପି ମଧ୍ୟ ଥିଲେ। ବିଜୁ ବାବୁଙ୍କ ସେ ଘନିଷ୍ଠ ଥିଲେ। ପଦପଦବୀରେ କେବେ କ୍ଷମତାଲୋଭୀ ନଥିଲେ।

**(ଲତିକା ପ୍ରଧାନ, ବିଧାୟିକା କବିସୂର୍ଯ୍ୟନଗର)**

ଭି ସୁଜ୍ଞାନ କୁମାର ଦେଓଙ୍କ ବିୟୋଗରେ ଗଞ୍ଜାମ ଜିଲ୍ଲା ସମେତ ସମଗ୍ର ଓଡ଼ିଶା ପାଇଁ ବ୍ୟାପକ କ୍ଷତି ଘଟିଛି । ଏଥିରେ ମୁଁ ମର୍ମାହତ । ଜିଲ୍ଲାର ବିକାଶ ଲାଗି ତାଙ୍କ ଅବଦାନ ଅତୁଳନୀୟ। ତାଙ୍କ ବିୟୋଗ ଓଡ଼ିଶା ରାଜନୀତି ଲାଗି ଅପୂରଣୀୟ କ୍ଷତି ।

**(ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଧାୟକ ସୋରଡ଼ା)**

ଖଲ୍ଲିକୋଟ ରାଣୀ ସାହେବା ସୁଜ୍ଞାନୀ କୁମାରୀ ଦେଓ ଜଣେ ପ୍ରଜାବତ୍ସଳ ତଥା ବିଚକ୍ଷଣ ରାଜନିତିଜ୍ଞ । କ୍ରମାଗତ ୫ଦଶନ୍ଧି ଧରି ନିର୍ବାଚିତ ହୋଇ ଆସୁଥିବା ସହିତ ନିଜ ଅଞ୍ଚଳର ଜନସାଧାରଙ୍କ ସହିତ ରାଜ୍ୟବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେଉଥିଲେ। ସେ ଓଡିଶାର ରାଜନିତି କ୍ଷେତ୍ରରେ ସମସ୍ତଙ୍କ ପାଇଁ ଆଦର୍ଶ ବ୍ୟକ୍ତିତ୍ୱ ଥିଲେ। ସେ ପ୍ରତ୍ୟକ୍ଷ ରାଜନିତିରେ ଥାଇ ସୁଦ୍ଧା କ୍ଷମତା ପ୍ରତି ତାଙ୍କର ତିଳେମାତ୍ର ଲୋଭ ବା ମୋହ ନଥିଲା । ସେଥିପାଇଁ ସେ ବିଭିନ୍ନ ସରକାରରେ ଉଭୟ ଶାସକ ଓ ବିରୋଧୀ ସମସ୍ତଙ୍କ ନିକଟରେ ପୂଜ୍ୟ ଓ ପ୍ରିୟଭାଜନ ଥିଲେ। ତାଙ୍କର ବିୟୋଗ ନିଶ୍ଚିତ ଭାବେ ରାଜ୍ୟ ରାଜନିତିରେ ତଥା ଖାସ କରି ଗଞ୍ଜାମ ଜିଲ୍ଲା ପାଇଁ ଏକ ଅପୁରଣୀୟ କ୍ଷତି । ରାଣୀ ସାହେବାଙ୍କ ଦେହାନ୍ତରେ ସେ ଅତ୍ୟନ୍ତ ମର୍ମାହତ ବୋଲି କହିଛନ୍ତି ଆସିକାର ପୂର୍ବତନ ସାଂସଦ ନିତ୍ୟାନନ୍ଦ ପ୍ରଧାନ ।

**(ନିତ୍ୟାନନ୍ଦ ପ୍ରଧାନ, ପୂର୍ବତନ ସାଂସଦ, ଆସିକା)**

ଖଲ୍ଲିକୋଟ ରାଣୀ ମା'ଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବା ଖବର ପାଇ ମୁଁ ଚେନ୍ନାଇ ଯାଇଥିଲି। ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଚେନ୍ନାଇ ଯାଇ ରାଣୀ ମା''ଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ। କିନ୍ତୁ ରାତି ୧୨.୪୪ ସମୟରେ ରାଣୀ ମାଆଙ୍କ ପରଲୋକ ଘଟିଲା । ସେ ଖଲ୍ଲିକୋଟ ବାସୀଙ୍କ ପ୍ରିୟ ରାଣୀ ମାଆ ଥିଲେ । ଖଲ୍ଲିକୋଟର ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁବେଳେ ମୋତେ ଉଚିତ ପରାମର୍ଶ ଦେଉଥିଲେ। ତାଙ୍କ ବିୟୋଗରେ ମୁଁ ଗଭୀର ମର୍ମାହତ ହୋଇ ପଡିଛି। ରାଣୀ ମାଆଙ୍କ ଅମର ଆତ୍ମାର ସଦଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ।

**(ଇଂ. ନିରଞ୍ଜନ ବେହେରା, ଅଧ୍ୟକ୍ଷ ଖଲ୍ଲିକୋଟ ଏନଏସି)**

ରାଣୀ ମାଆଙ୍କ ବିୟୋଗରେ ରାଜ୍ୟ ଜଣେ ଉଚ୍ଚ କୋଟିର ନାରିନେତ୍ରୀଙ୍କୁ ହରାଇଲା। ଖଲ୍ଲିକୋଟ ଅନାଥ ହୋଇଗଲା। ତାଙ୍କ ବିୟୋଗରେ ମୁଁ ମର୍ମାହତ। ଅମର ଆତ୍ମାର ସଦଗତି କାମନା କରୁଛି ।

**(ପ୍ରଦୀପ କୁମାର ପଟ୍ଟନାୟକ କାଉନସିଲର, ଖଲ୍ଲିକୋଟ ଏନଏସଏ)**

ଖଲ୍ଲିକୋଟ ରାଣୀ ଭି. ସୁଜ୍ଞାନ କୁମାରୀ ଦେଓ ଜଣେ ପ୍ରଚଣ୍ଡ ପ୍ରତିଭାର ଅଧିକାରିଣୀ ଥିଲେ। ସେ ୧୦ଥର ବିଧାୟିକା ଭାବେ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ କ୍ଷେତ୍ରରେ ସେ ସର୍ବବିଧ ଉନ୍ନତି କରି ଯାଇଛନ୍ତି । ଗଂଜାମ ଜିଲ୍ଲା ତଥା ଓଡ଼ିଶାର ଉନ୍ନତି ପାଇଁ ସେ ସର୍ବଦା କାମ କରୁଥିଲେ । ସେ ବିଜୁବାବୁଙ୍କ ବହୁତ ନିକଟବର୍ତ୍ତୀ ଥିଲେ । ତାଙ୍କ ଅମର ଆତ୍ମାର ସଦଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା ।

**( ଡାକ୍ତର ହରପ୍ରସାଦ ମହାପାତ୍ର ସଭାପତି, ବରିଷ୍ଠ ନାଗରିକ ମଞ୍ଚ ଖଲ୍ଲିକୋଟ)**

ଖଲ୍ଲିକୋଟ ରାଣୀ ମାଆ ସୁଜ୍ଞାନ ଦେବୀଙ୍କ ଆଶୀର୍ବାଦରୁ ମୁଁ ବିଧାୟିକା ଭାବେ ଖଲ୍ଲିକୋଟ ବାସୀଙ୍କ ସେବା କରିବାର ସୁଯୋଗ ପାଇଛି । ରାଣୀ ନୁହେଁ ସେ ଆମ ସମସ୍ତଙ୍କ ମାଆ ଥିଲେ । ତାଙ୍କୁ ହରାଇ ମୁଁ ଗଭୀର ଦୁଃଖିତ ଓ ମର୍ମାହତ । ତାଙ୍କ ଅମର ଆତ୍ମାର ସଦଗତି କାମନା କରୁଛି ।

**(ସୂର୍ଯ୍ୟମଣି ବୈଦ୍ୟ ବିଧାୟିକା, ଖଲ୍ଲିକୋଟ)**

ଖଲ୍ଲିକୋଟ ରାଜ ପରିବାରର ଶେଷ ଦାୟାଦ ରାଣୀ ସାହେବା ତଥା ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ବିୟୋଗରେ ମୁଁ ମର୍ମାହତ । ମୁଁ ଯେତେବେଳେ କବିସୂର୍ଯ୍ୟନଗର ପଞ୍ଚାୟତ ସମିତିର ଅଧ୍ୟକ୍ଷା ଥିଲି ବେଳେ ବିଧାୟିକା ଭି. ସୁଜ୍ଞାନୀ କୁମାରୀ ଦେଓଙ୍କ ସହ କାମ କରିବାର ବହୁବାର ସୁଯୋଗ ପାଇଥିଲି। ସେ ଆମକୁ ବହୁ ମୂଲ୍ୟବାନ ଉପଦେଶ ଦେଇ ଆଗକୁ ବଢ଼ିବାର ସୁଯୋଗ ଦେଇଥିଲେ। ଆଜି ତାଙ୍କର ବିୟୋଗରେ ଆମେ ଦୁଃଖିତ ଓ ମର୍ମାହତ । ତାଙ୍କର ଅମର ଆତ୍ମାର ସଦଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

**(ମଞ୍ଜୁଳା ସ୍ୱାଇଁ, ବିଧାୟିକା ଆସିକା)**

ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଖଲ୍ଲିକୋଟ ରାଜ ପରିବାରର ପ୍ରମୁଖ ଭୂମିକା ରହିଛି। ଶିକ୍ଷା ହେଉ କିମ୍ବା ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏହି ପରିବାରର ଅବଦାନ ଅତୁଳନୀୟ। ଏହି ରାଜ ପରିବାରରୁ ସିଧାସଳଖ ରାଜନିତିରେ ପ୍ରବେଶ କରିବା ସହ ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ଦିର୍ଘ ୫ଦଶନ୍ଧି ଧରି କ୍ରମାଗତ ନିର୍ବାଚନ ହେବା ରାଜ୍ୟ ରାଜନିତିରେ ବିରଳ ଘଟଣା। ବୃନ୍ଦାବନ ନାୟକ, ହରିହର ସ୍ୱାଇଁ, ରାମକୃଷ୍ଣ ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ପରେ ଖଲ୍ଲିକୋଟ ରାଣୀସାହେବା ଭି.ସୁଜ୍ଞାନ କୁମାରୀ ଦେଓଙ୍କ ବିୟୋଗ କେବଳ ଗଞ୍ଜାମ ଜିଲ୍ଲା ପାଇଁ ନୁହେଁ ବରଂ ରାଜ୍ୟ ପାଇଁ ଏକ ଶୂନ୍ୟସ୍ଥାନ କରିଦେଇଛି । ଜଣେ ନିର୍ବାଚିତ ପ୍ରତିନିଧି ହୋଇଥିଲେ ହେଁ ସେ କେବଳ ନିଜ ଅଞ୍ଚଳ ପାଇଁ ନୁହେଁ ବରଂ ସମଗ୍ର ରାଜ୍ୟ ପାଇଁ ବିଭିନ୍ନ ପ୍ରସଙ୍ଗରେ ସର୍ବଦା ଲଢୁଥିଲେ । ରାଣୀସାହେବା କଦାପି କ୍ଷମତା ଲୋଭି ନଥିଲେ। ଯେଉଁଥିପାଇଁ ସେ ୧୦ଥର ନିର୍ବାଚିତ ହୋଇଥିଲେ ହେଁ ମନ୍ତ୍ରୀ ପଦବୀ ଅଳଙ୍କୃତ କରିନଥିଲେ । ଜଣେ ସ୍ପଷ୍ଟବାଦୀ ବରିଷ୍ଠ ରାଜନେତା ଭାବେ ସମସ୍ତେ ତାଙ୍କୁ ସମ୍ମାନ ଦେଇ ଆସୁଥିଲେ। ତାଙ୍କର ବିୟୋଗରେ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଛି ଏବଂ ସେ ଅତ୍ୟନ୍ତ ମର୍ମାହତ ବୋଲି କହିଛନ୍ତି ଗଞ୍ଜାମ ଜିଲ୍ଲା ବିକାଶ ପରିଷଦ ସଭାପତି ରାଜେନ୍ଦ୍ର କୁମାର ପଣ୍ଡା ।

**(ରାଜେନ୍ଦ୍ର କୁମାର ପଣ୍ଡା, ସଭାପତି, ଗଞ୍ଜାମ ଜିଲ୍ଲା ବିକାଶ ପରିଷଦ)**

ଭି ସୁଜ୍ଞାନ କୁମାର ଦେଓ ୧୦ଥର ବିଧାୟିକା ଥିଲେ। ବିଜୁ ବାବୁଙ୍କ ଅତି ନିକଟତର ମଧ୍ୟ ରହିଥିଲେ। ସେ କେବେ ମଧ୍ୟ କ୍ଷମତାଲୋଭୀ ନଥିଲେ। ଅନେକ ସମୟରେ ମନ୍ତ୍ରୀ ପଦବୀକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଥିଲେ। ଦଳଗତ ନିର୍ବିଶେଷରେ ସମସ୍ୟା ପଡ଼ିଲେ ସମାଧାନ କରିବା ଦିଗରେ ସଦା ଗୁରୁତ୍ୱ ଦେଉଥିଲେ। ଲୋକଙ୍କ ପାଇଁ ଉତ୍କଣ୍ଠାର ସହିତ କାମ କରୁଥିଲେ। ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ଅଞ୍ଚଳବାସୀଙ୍କ ମଧ୍ୟ ରାଣୀ ମା'ଙ୍କ ପ୍ରତି ଯଥେଷ୍ଟ ସମ୍ମାନ ରହିଥିଲା । ତାଙ୍କ ବିୟୋଗରେ ମୁଁ ଗଭୀର ମର୍ମାତହ । ଅମର ଆତ୍ମାର ସଦଗତି କାମନା କରୁଛି ।

**(ରାମଚନ୍ଦ୍ର ପଣ୍ଡା, ରାଜ୍ୟ କୃଷି ବିପଣନ ନିଗମର ଉପଦେଷ୍ଟା)**

ଖଲ୍ଲିକୋଟ ରାଣୀ ସାହେବା ତଥା ବିଜୁ ଜନତା ଦଳର ବରିଷ୍ଠ ନେତ୍ରୀ ଭି.ସୁଜ୍ଞାନୀ କୁମାରୀ ଦେଓଙ୍କ ବିୟୋଗରେ ସମସ୍ତେ ସ୍ତବ୍ଧ । ମା’ଙ୍କ ସହ ମୋର ସମ୍ପର୍କ ଅତି ଘନିଷ୍ଠ ଥିଲା । ସ୍ୱଳ୍ପ ସମୟ ସାକ୍ଷାତରେ ହେଲେ ମଧ ସେ ସମସ୍ତଙ୍କୁ ଆପଣାର କରି ନେଉଥିଲେ । ତାଙ୍କ ଭଳି ଜଣେ ଦକ୍ଷ, ସୁସଙ୍ଗଠିକା ତଥା ସାଲିସ ବିହୀନ ରାଜନେତା ମିଳିବା କଷ୍ଟକର। ପ୍ରବାଦପୁରୁଷ ବିଜୁ ବାବୁଙ୍କ ସମୟରୁ ସେ ନିର୍ବାଚିତ ହୋଇ ଆସୁଥିବା ବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ତାଙ୍କୁ ବେଶ ସମ୍ମାନ ଜଣାଉଥିଲେ । ବିଧାନସଭା ଭଳି ପବିତ୍ର ଗୃହର ବରିଷ୍ଠ ସଦସ୍ୟା ଭାବେ ସେ ରାଜନିତିରୁ ଊର୍ଦ୍ଧ୍ୱରେ ରହି ଲୋକଙ୍କ ସମସ୍ୟାର ସମାଧାନ ପାଇଁ ନିଜର ବଳିଷ୍ଠ ଯୁକ୍ତି ଉପସ୍ଥାପନା କରିବାକୁ କଦାପି ପଛାଉନଥିଲେ। ରାଣୀ ମାଆଙ୍କର ବିୟୋଗରେ ସେ ଅତ୍ୟନ୍ତ ମର୍ମାହତ ଏବଂ ଏହା ରାଜ୍ୟ ରାଜନିତି ପାଇଁ ଏକ ଅପୁରଣୀୟ କ୍ଷତି ।

**(ସଂଘମିତ୍ରା ଦଳେଇ, ମେୟର ବ୍ରହ୍ମପୁର)**

ବିଜୁ ଜନତା ଦଳର ଜଣେ ବରିଷ୍ଠ ନେତ୍ରୀ ଥିଲେ ଭି ସୁଜ୍ଞାନ କୁମାରୀ ଦେଓ । ସଂଗଠନ ଓ ଜନସାଧାରଙ୍କ ଉନ୍ନତି କ୍ଷେତ୍ରରେ ସେ ସଦା ଚିନ୍ତିତ ଥିଲେ। ଏଣୁ ଖଲ୍ଲିକୋଟ ସମେତ ସମଗ୍ର ଅଞ୍ଚଳରେ ସେ ରାଣୀ ମା ଭାବେ ସୁପରିଚିତ ଥିଲେ। ତାଙ୍କ ବିୟୋଗରେ ସମଗ୍ର ଓଡ଼ିଶା ପାଇଁ ଅପୂରଣୀୟ କ୍ଷତି। ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ଅଞ୍ଚଳରୁ ସେ ୧୦ଥର ବିଧାୟିକା ହୋଇଥିଲେ। ତାଙ୍କ ସହିତ ମୋର ସମ୍ପର୍କ ବହୁତ ନିବିଡ଼ ଥିଲା । ଲୋକଙ୍କ ସମସ୍ୟା ଓ ସମାଗ୍ରିକ ବିକାଶକୁ ସେ ସଦା ଗୁରୁତ୍ୱ ଦେଉଥିଲେ । ତାଙ୍କ ବିୟୋଗରେ ମୁଁ ଗଭୀର ମର୍ମାହତ । ଅମର ଆତ୍ମାର ସଦଗତି କାମନା କରିବା ସହ ପରିବାରକୁ ସମବେଦନା ଜଣାଉଛି ।

**(ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଜେଡି ଜିଲ୍ଲା ସଭାପତି)**

ଖଲ୍ଲିକୋଟ ରାଣୀ ସାହେବା ଭି ସୁଜ୍ଞାନ ଦେବୀଙ୍କ ବିୟୋଗରେ ମୁଁ ଗଭୀର ମର୍ମାହତ। ଗଞ୍ଜାମ ପାଇଁ ଏହା ଦୁଃଖଦ ଖବର। ଜଣେ ରାଜନୈତିକ ଓ ବରିଷ୍ଠ ନାରୀ ନେତ୍ରୀ ଭାବେ ସେ ସୁପରିଚିତ ଥିଲେ। ତାଙ୍କ ମୃତ୍ୟୁ ନେଇ ଚାରିଆଡ଼େ ଶୋକର ଛାୟା ଖେଳିଯାଇଛି। ଅମର ଆତ୍ମର ସଦଗତି ନିମନ୍ତେ ମୁଁ ପ୍ରଭୂ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଅଞ୍ଚଳର ବିକାଶ ଲାଗି ସେ ସଦାବେଳେ ଆଶୀର୍ବାଦ ଦେଉଥାନ୍ତୁ ।

**(ଶ୍ରୀକାନ୍ତ ସାହୁ, ବିଧାୟକ ପୋଲସରା)**

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଶୋକସଭା

**ବ୍ରହ୍ମପୁର,୧୦ ।୨(ସମିସ):** ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ଖଲ୍ଲିକୋଟ ରାଣୀ ଭି. ସୁଜ୍ଞାନୀ କୁମାରୀ ଦେଓଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଡ଼. ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ । ସ୍ୱର୍ଗତ ଦେଓଙ୍କ ଆମର ଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ କୁଳସଚିବ ସୁଶ୍ରୀ ଶାନ୍ତିସୁଧା ପାତ୍ର, ପରୀକ୍ଷା ନିୟନ୍ତ୍ରକ ଡ଼. ମନୋଜ କୁମାର ପଟ୍ଟନାୟକ, ବିତ୍ତ ନିୟନ୍ତ୍ରକ କାଳି ପ୍ରସାଦ ଖଟାଇଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ ।



## ରାଣୀ ସାହେବାଙ୍କ ବିୟୋଗରେ ଶୋକ

**ଗଞ୍ଜାମ,୧୦ ।୨(ସମିସ):** ଖଲ୍ଲିକୋଟ ରାଣୀ ସହେବା ଭି.ସୁଜ୍ଞାନୀ କୁମାରୀ ଦେଓଙ୍କ ବିୟୋଗରେ ସ୍ଥାନୀୟ ବିଜେଡି ନେତୃ ମଣ୍ଡଳୀ ଶୋକବ୍ୟକ୍ତ କରିଛନ୍ତି । ଗଞ୍ଜାମ ନଗର ବିଜେଡି ଯୁବ ସଭାପତି ସୁଧିର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଏନଏସି ଉପନଗରପାଳ ସୁରେନ୍ଦ୍ର କୁମାର ବାରିକି, ପୂର୍ବତନ ଉପନଗରପାଳ ନୀଳାଞ୍ଚଳ ବାରିକି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ସାହୁ, ପୂର୍ବତନ ବ୍ଲକ ବିଜେଡି ସଭାପତି ବନବାସୀ ଖୁଣ୍ଟିଆ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ସ୍ୱର୍ଗତ ରାଣୀ ସାହେବାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି ।

